



# ଆଇନସହାୟକ ପରିବେଶ

## ନ୍ୟାୟ ପାଇଁ

ଭର୍ସନ୍ ୨.୦

ସେଣ୍ଟର ଫର୍ ପଲିସି ରିସର୍ଚ୍ଚ (ସିପିଆର୍) - ନମତି ଏନ୍‌ଭାଇରନ୍‌ମେଣ୍ଟାଲ ଜଷ୍ଟିସ୍ ପ୍ରୋଗ୍ରାମ




ଆଇନସହାୟକଙ୍କ ତାଲିମ, କେନ୍ଦୁଝର ଓଡ଼ିଶା

**ଡ଼ିସେମ୍ବର ୨୦୧୭**


| | |
|---|---|
| ମୂଳଲେଖା | ମଞ୍ଜୁମେନନ୍, ମିନାକ୍ଷୀ କପୁର, ବିବେକମାରୁ, କାଞ୍ଚି କୋହଲି |
| ସାଦନା | ପ୍ରିତିଶ୍ରୀ ଭେଙ୍କଟରମଣ, ସତ୍‌ନାମ୍ କୌର, କ୍ରିଥିକା ଦିନେଶ |
| ଫଟୋ | ଔବ୍ରେ ଢ୍ୱେଡ୍, ଭରତ ପଟେଲ, କାଞ୍ଚି କୋହଲି, ଲଳିତା ପାତ୍ର, ମହାବଳେଶ୍ୱର ହେଗଡ଼େ, ବିନୋଦ ପଟ୍‌ଗର୍ |
| ରୂପସଜ୍ଜା | ବାଣୀ ସୁବ୍ରମନିଅନ୍ |
| ସାହାଯ୍ୟ | ଇଣ୍ଟରନ୍ୟାସ୍‌ନାଲ୍ ଡ଼େଭେଲପ୍‌ମେଣ୍ଟ ରିସର୍ଚ୍ଚ ସେଣ୍ଟର, ଅଟାୱା, କାନାଡ଼ାର ସହାୟତାରେ ଏହି କାର୍ଯ୍ୟ ସମ୍ପାଦିତ ହୋଇଛି। |
| ଓଡ଼ିଆ ଅନୁବାଦ | ଜୀମୂତ ପ୍ରସାଦ ମିଶ୍ର |
| ରୂପରେଖ | ଯଶବନ୍ତ ରାୱ୍ତ |
| ମୁଦ୍ରଣ | ପ୍ରିଣ୍ଟଫୋର୍ସ |


ଆପଣ ବିନା ଦ୍ୱିଧାରେ ଏହି ପୁସ୍ତକକୁ ବାଣ୍ଟିପାରିବେ ଓ ଏହାର ଅନୁବାଦ କରିପାରିବେ। ଆପଣଙ୍କୁ ଅନୁରୋଧ ଆପଣ ଯଦି ଏହାର ପ୍ରକାଶନ କିମ୍ବା ଅନୁବାଦ କରନ୍ତି ତେବେ ଏହାର ମୂଳଲେଖା ପାଇଁ ନମତିକୁ ସ୍ୱୀକାରୋକ୍ତି ପ୍ରଦାନ କରନ୍ତୁ ଏବଂ ପୁନଃପ୍ରକାଶନ ଓ ଅନୁବାଦର କପି ସିପିଆର ପରିବେଶ ନ୍ୟାୟ କାର୍ଯ୍ୟକ୍ରମକୁ ପଠାନ୍ତୁ।

# ସେଣ୍ଟର ଫର୍ ପଲିସି ରିସର୍ଚ୍ଚ (ସିପିଆର୍) - ନମତି ପରିବେଶ ନ୍ୟାୟ କାର୍ଯ୍ୟକ୍ରମ ବିଷୟରେ

ସିପିଆର୍- ନମତି ପରିବେଶ ନ୍ୟାୟ କାର୍ଯ୍ୟକ୍ରମ ପରିବେଶ ସମ୍ବନ୍ଧୀୟ  ନିୟମାନୁଯାୟୀ ନିୟନ୍ତ୍ରଣ ଓ ପ୍ରବର୍ତ୍ତନ ମଧ୍ୟରେ ଥିବା ଫାଙ୍କକୁ ଦୂରକରିବା ପାଇଁ ଏକ ଉଦ୍ୟମ। ଏହି କାର୍ଯ୍ୟକ୍ରମ  ଭାରତରେ କାର୍ଯ୍ୟକାରୀ ହେଉଛି ଯେଉଁଠାରେ ପରିବେଶ ସଂକ୍ରାନ୍ତୀୟ ମଜଭୁତ୍ ଆଇନକାନୁନ ଲାଗୁକରାଯାଇଅଛି କିନ୍ତୁ ଏହାର ଅନୁପାଳନରେ ତ୍ରୁଟି ପରିଲକ୍ଷିତ ହୁଏ। ଏହିସବୁ ଆଇନଗୁଡ଼ିକର ଉଲଙ୍ଘନ ଏବଂ ଅବମାନନା ହେତୁ ପରିବେଶ ଉପରେ ଏହାର ସୁଦୂରପ୍ରସାରୀ ପ୍ରଭାବ ତଥା ଜୀବିକା ନିର୍ବାହ ପାଇଁ ପରିବେଶ ଉପରେ ନିର୍ଭର କରୁଥିବା ବ୍ୟକ୍ତି ବିଶେଷ ଏବଂ ସର୍ବୋପରି ଜନସାଧାରଣଙ୍କର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ଅନୁଭୂତ ହୁଏ। ଏହି କାର୍ଯ୍ୟକ୍ରମ ଆଇନକାନୁନ ଉଲଙ୍ଘନ ଏବଂ ଅବମାନନାକୁ ସଂପୃକ୍ତ ସରକାରୀ କାର୍ଯ୍ୟାଳୟ ଏବଂ ଅନୁଷ୍ଠାନମାନଙ୍କର ଦୃଷ୍ଟିକୁ ଆଣି ପରିବେଶ ଉପରେ କୁପ୍ରଭାବର ପ୍ରତିକାର ପାଇଁ ଉଦ୍ୟମ କରେ। ଏହା ମଧ୍ୟ ତଥ୍ୟ ସଂଗ୍ରହ ଓ ଏହାକୁ ସମ୍ମିଳିତ କରି ପରିବେଶ ସମ୍ପର୍କୀତ ନୀତିନିୟମ/ଆଇନ ଅନୁପାଳନର ସ୍ଥିତି ଉପରେ ନଜର ରଖେ। ଏହି ତଥ୍ୟକୁ ପରିବେଶ ଆଇନ,  ନୀତି ଓ ଅନୁଷ୍ଠାନକୁ ସମୃଦ୍ଧ କରିବା  ପାଇଁ ବ୍ୟବହାର୍ କରାଯାଇଥାଏ।

## କାର୍ଯ୍ୟକ୍ରମର ଉଦ୍ଦେଶ୍ୟ

1. ପରିବେଶ ସମ୍ପର୍କୀତ ନୀତିନିୟମ ପାଳନରେ ଉନ୍ନତି
2. ପ୍ରଭାବିତ ଜନଗୋଷ୍ଠୀମାନଙ୍କର ପାଇଁ ଫଳପ୍ରଦ ପ୍ରତିକାର
3. ସଙ୍କଟାପନ୍ନ ଜୈବସମାଜ ଓ ଏହାର ପରିବେଶ ସଂରକ୍ଷଣ ପାଇଁ ବଳିଷ୍ଠ ଆନୁଷ୍ଠାନିକ ସହଯୋଗ

# ସୂଚୀପତ୍ର


**ଭାଗ ୧**

ଆଇନସହାୟକ କାହାକୁ କୁହନ୍ତି? 02
ଗୋଷ୍ଠୀ ଆଇନସହାୟକ କାର୍ଯ୍ୟକ୍ରମର ଉପକାରିତା 04

**ଭାଗ ୨**

ଗୋଷ୍ଠୀ ଆଇନସହାୟକ ପରିବେଶ ନ୍ୟାୟ ପାଇଁ କଣ କରନ୍ତି? 05
ମାମଲାରୁ ନୀତି ପର୍ଯ୍ୟନ୍ତ 09

**ଭାଗ ୩**

ଆଇନସହାୟକମାନେ ପରିବେଶ ନ୍ୟାୟ ମାମଲାର ସମାଧାନ କିପରି କରନ୍ତି? 12

3.1 ମାମଲାର ଚୟନ ଏବଂ ଚିହ୍ନଟୀକରଣ 14
ପ୍ରଭାବିତ ଜନସାଧାରଣ ଓ ସକ୍ରିୟ ମହକିଲ/ସହାୟକ ଗୋଷ୍ଠୀ ନିରୂପଣ 15
ପୂର୍ବ ଉଦ୍ୟମ ବାବଦରେ ସୂଚ୍ନା ସଂଗ୍ରହ 17
ସମସ୍ୟା ଉକ୍ତିର ପ୍ରସ୍ତୁତି 18

3.2 ମାମଲା ନଥିକରଣ 21
କେସ୍ ଟ୍ରାକିଙ୍ଗ୍ ଫର୍ମ 22
ଆଇନସହାୟକ ଆକ୍ସନ ଲଗ୍ 24
ମାମଲା ଦଲିଲ୍ 25
ସାବଧାନତା

3.3 ମାମଲା ବିଶ୍ଳେଷଣ ଓ ପଦକ୍ଷେପ 26
ଗୋଟିଏ ମାମଲାର ବିଶ୍ଳେଷଣ 27
ମାମଲା ସମାଧାନର ଉପାୟ/ପନ୍ଥା 28
- ଆଇନ ସମ୍ବନ୍ଧୀୟ ସଚେତନତା ସୃଷ୍ଟି 29
- ସୂଚ୍ନା ସଂଗ୍ରହ ଓ ସାକ୍ଷ୍ୟପ୍ରମାଣ ପ୍ରସ୍ତୁତି 30
- ବିଚାରାତ୍ମକ ଆଲୋଚନା 31
- କର୍ତ୍ତୃପକ୍ଷ ଓ ପ୍ରତିଷ୍ଠାନସହ ଯୋଗାଯୋଗ 32
- ଆନୁଷ୍ଠାନିକ ସହଯୋଗ ନିରୂପଣ 33
- ଅନୁଜ୍ଞାପତ୍ର/ଅଭିଯୋଗ ପତ୍ର ପ୍ରସ୍ତୁତି 34
- ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶନ 35
- ମଧ୍ୟସ୍ଥତା 36
ସାବଧାନତା 37

3.4 ମାମଲାର ଲିଖିତ ବିବରଣୀ 40
ମୌଳିକ ତଥ୍ୟ
ଇତିହାସ 41
ପ୍ରତିକାର
ପଦ୍ଧତି
ଲାଭ

**ଭାଗ ୪**

ନ୍ୟାୟିକ ସଶକ୍ତିକରଣ ମାଧ୍ୟମରେ ଆଇନସହାୟକ କାର୍ଯ୍ୟକ୍ରମ ସ୍ଥାପନ/ଗଠନ 42

4.1 ଆଇନସହାୟକ ଚୟନ 44
- ନିଯୁକ୍ତି ଘୋଷଣା 45
- ଚୟନ ପାଇଁ ପ୍ରାର୍ଥୀ ବାଛିବା
- ପରୀକ୍ଷା ଓ ସାକ୍ଷାତକାର

4.2 ତାଲିମ 46

4.3 ତଦାରଖ ଓ ସହଯୋଗ 47
- ସାପ୍ତାହିକ ବିବରଣୀ ପ୍ରଦାନ
- ମାସିକ ଆଲୋଚନା ସଭା 48
- ଗବେଷଣା ସହାୟତା 49
- ସହଯୋଗୀ ଓ ସଂଘ ଗଠନ 52

4.4 ମୂଲ୍ୟାଙ୍କନ 53

**ପରିଶିଷ୍ଟ**

ନୀତି ସୁପାରିଶ ପାଇଁ ନମୁନା ପତ୍ର 58
ନମୁନା ଅଭିଯୋଗ ପତ୍ର 62
ଆଇନ ସହାୟକ ତାଲିମ ପାଇଁ ନମୁନା କାର୍ଯ୍ୟକ୍ରମ ସୂଚୀ 64

# ସଂକ୍ଷେପଣ

**ସିପିଆର :** ସେଣ୍ଟର ଫର୍ ପଲିସି ରିସର୍ଚ୍ଚ

**ସିଆରଜେଡ୍ :** କୋଷ୍ଟାଲ ରେଗୁଲେସନ୍ ଜୋନ୍

**ଇଆଇଏ :** ଏନ୍‌ଭାଇରନ୍‌ମେଣ୍ଟ  ଇମ୍ପାକ୍ଟ ଆସେସ୍‌ମେଣ୍ଟ


**ଏଫ୍ ଏ କ୍ୟୁ :** ଫ୍ରିକ୍ୱେଣ୍ଟଲି ଆକ୍ସଡ୍ କ୍ୱେଶ୍ଚିନ୍


**ଜିପିଏସ୍ :** ଗ୍ଲୋବାଲ ପୋଜିସନିଙ୍ଗ ସିଷ୍ଟମ

**ଏନ୍‌ଡ଼ିଜେଡ୍ :** ନୋ-ଡ଼େଭେଲପ୍‌ମେଣ୍ଟ ଜୋନ୍

**ଏନ୍‌ଜିଓ :** ନନ୍-ଗଭର୍ଣ୍ଣମେଣ୍ଟାଲ୍ ଅର୍‌ଗାନାଇଜେସନ୍

**ଆର୍‌ଟିଆଇ :** ରାଇଟ୍ ଟୁ ଇନଫରମେଶନ୍





# ଭାଗ ୧

## ଗୋଷ୍ଠୀ ଆଇନସହାୟକ (ପାରାଲିଗାଲ୍) କାହାକୁ କୁହାଯାଏ?

**ତୃଣମୂଳ ସ୍ତରରେ କାର୍ଯ୍ୟକରୁଥିବା ଜଣେ ଓକିଲ କିମ୍ବା ଆଇନ ବିଷୟରେ ତାଲିମ ପାଇଥିବା ଗୋଷ୍ଠୀ ସାଧନ ବ୍ୟକ୍ତି ଏବଂ ସଂଗଠକ ଯିଏକି ସାଧାରଣ ଆଇନ ଏବଂ ନ୍ୟାୟିକ ପଦ୍ଧତି ଏବଂ ମଧ୍ୟସ୍ଥତା, ବିବାଦ ମୀମାଂଶା/ସମାଧାନ, ଶିକ୍ଷା ଏବଂ ଜନଓକିଲାତି ବିଷୟରେ ଦକ୍ଷତା ବୃଦ୍ଧି ତାଲିମ ପାଇଛନ୍ତି ତାହାଙ୍କୁ ଗୋଷ୍ଠୀ ଆଇନସହାୟକ (ପାରାଲିଗାଲ୍) କୁହାଯାଏ।**

ଗୋଷ୍ଠୀ ଆଇନସହାୟକ ସେମାନଙ୍କର ଆଇନ ସମ୍ବନ୍ଧୀୟ ଜ୍ଞାନ, ବିବିଧ ନିପୁଣତା ଏବଂ ଆଞ୍ଚଳିକ ସ୍ଥିତି/ପରିସ୍ଥିତି ବାବଦୀୟ ବୁଝାମଣାକୁ ସମ୍ମିଳିତ କରି ପ୍ରଭାବିତ ଗୋଷ୍ଠୀ/ଜନସାଧାରଣଙ୍କର ଆଇନ ବ୍ୟବହାର କରିବାର ଦକ୍ଷତା ବୃଦ୍ଧି ମାଧ୍ୟମରେ ନ୍ୟାୟିକ ସମସ୍ୟାର ସମାଧାନ କରିଥାନ୍ତି। ସେମାନେ ଜନସାଧାରଣଙ୍କୁ ଅନ୍ୟାୟ ଅବିଚାର ବିଷୟକ ପ୍ରମାଣ ସଂଗ୍ରହ କରିବାରେ ଏବଂ ଏସବୁକୁ ପ୍ରଚଳିତ ଆଇନ ବ୍ୟବସ୍ଥା ଅନୁଯାୟୀ ନାଗରିକଙ୍କ ପ୍ରତି ଉତ୍ତରଦାୟୀ ପ୍ରତିଷ୍ଠାନରେ ଉପସ୍ଥାପନ ଓ ଆବେଦନ କରିବାରେ ସହାୟତା ପ୍ରଦାନ କରିଥାନ୍ତି। ସେମାନେ ମନ୍ଥର, ଦୀର୍ଘସୂତ୍ରୀ ଏବଂ ବ୍ୟୟବହୁଳ ମାମଲା ବଦଳରେ ଆଞ୍ଚଳିକ ପ୍ରଶାସନିକ ତ୍ୱରିତ ପଦକ୍ଷେପ ଉପରେ ପ୍ରାଧାନ୍ୟ ଦେଇଥାନ୍ତି। ପ୍ରଭାବିତ ଜନସାଧାରଣଙ୍କର ପାଇଁ ସେମାନେ ଆଗଧାଡ଼ିର ନ୍ୟାୟସେବା ପ୍ରଦାନକାରୀ ରୂପେ କାର୍ଯ୍ୟକରିଥାନ୍ତି- ସେମାନେ ନ୍ୟାୟ ପାଇବା ପାଇଁ ସହଜରେ ଉପଲବ୍‌ଧ, ସୁଲଭ ଓ ତ୍ୱରିତ ମାଧ୍ୟମ।

ସରକାରୀ ପ୍ରତିଷ୍ଠାନ ଉପରେ ସେମାନେ ଦୃଷ୍ଟି କେନ୍ଦ୍ରୀତ କରିଥିବା ହେତୁ, ଆଇନସହାୟକମାନେ ବୃହତ ଅମଲାତନ୍ତ୍ରକୁ ଜନସାଧାରଣଙ୍କର ସମସ୍ୟା ସୃଜନଶୀଳତା ଓ ସଠିକ୍ ସମୟରେ ସମାଧାନ କରିବାରେ ସାହାଯ୍ୟ କରିଥାନ୍ତି। ପ୍ରତିକାରର ରୁପରେଖ ପ୍ରସ୍ତୁତିରେ ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ସହଯୋଗ ସ୍ଥାପନ ମାଧ୍ୟମରେ ଆଇନସହାୟକମାନେ ପ୍ରଶାସନରେ ଜନସାଧାରଣଙ୍କର ଭାଗୀଦାରିତାର ନିଦର୍ଶନ ସୃଷ୍ଟି କରିଥାନ୍ତି। ନିୟାମକ ଓ ନ୍ୟାୟିକ ଅନୁଷ୍ଠାନ ସୃଷ୍ଟି କରି ସେମାନେ ନ୍ୟାୟହାସଲ ପାଇଁ ବିଧିବଦ୍ଧ ଓ ସୁଦୂରପ୍ରସାରୀ ପରିବର୍ତ୍ତନ ସୁନିଶ୍ଚିତ କରିଥାନ୍ତି।

ନ୍ୟାୟ ହାସଲକରିବାର ଆବଶ୍ୟକତା ପୂରଣ କରିବାରେ ଆଇନସହାୟକମାନେ ଏକ ପୂର୍ଣ୍ଣାଙ୍ଗ ପନ୍ଥା ଗ୍ରହଣ କରିପାରନ୍ତି କିମ୍ବା ଘରୋଇ ହିଂସା କିମ୍ବା ସରକାରୀ ଯୋଜନାର ଲାଭ ହାସଲ ପରି ଏକ ନିର୍ଦ୍ଦିଷ୍ଟ ସମସ୍ୟା ଉପରେ ଧ୍ୟାନ ଦେଇପାରନ୍ତି। ଆଇନସହାୟକମାନେ କେବଳ ତାଙ୍କର ବ୍ୟବହାର ପାଇଁ ଉଦ୍ଦିଷ୍ଟ କାର୍ଯ୍ୟାଳୟ କିମ୍ବା ଆଇନ ସହାୟତା, କୃଷି ସହାୟତା ବା ମାଇକ୍ରୋଫାଇନାନ୍‌ସ ବିଷୟକ ସେବା ପ୍ରଦାନକାରୀ ସଂସ୍ଥା ଦ୍ୱାରା ପ୍ରତିଷ୍ଠିତ କାର୍ଯ୍ୟାଳୟରେ ମଧ୍ୟ କାମ କରିଥାନ୍ତି।

## ଗୋଷ୍ଠୀ ଆଇନସହାୟକମାନଙ୍କର ସୁବିଧା ସୁଯୋଗ

ନାଗରିକ, ପରିବେଶ, ସାମାଜିକ ଏବଂ ଅର୍ଥନୀତିକ ଅଧିକାରକୁ ସୁରକ୍ଷା ପ୍ରଦାନ ସମ୍ବନ୍ଧୀୟ ଆଇନକୁ କାର୍ଯ୍ୟକାରୀ କରୁଥିବା ପ୍ରଶାସନିକ କାର୍ଯ୍ୟାଳୟ ଏବଂ ପ୍ରତିଷ୍ଠାନ ସହ ଗୋଷ୍ଠୀ ଆଇନସହାୟକମାନେ କାମ କରିଥାନ୍ତି । ଏକ ଆଦର୍ଶ ନ୍ୟାୟିକସେବା ପ୍ରଦାନ ବ୍ୟବସ୍ଥାରେ ଗୋଷ୍ଠୀ ଆଇନସହାୟକଙ୍କର ସଂପୃକ୍ତି ଯୋଗୁଁ ନିମ୍ନଲିଖିତ ମୁଖ୍ୟ ସୁବିଧା ହାସଲ ହୋଇଥାଏ ।

### ପ୍ରପୀଡ଼ିତ ପରିବର୍ତ୍ତନର ସୂତ୍ରଧର ହୋଇଥାନ୍ତି

ପ୍ରଭାବିତ ଜନସାଧାରଣଙ୍କର ଆଇନ ସଚେତନତା ବୃଦ୍ଧି ଏବଂ ସେମାନଙ୍କର ଜୀବନକୁ ପ୍ରଭାବିତ କରୁଥିବା ନିଷ୍ପତ୍ତିକୁ ପ୍ରଭାବିତ କରିପାରିବାର ସାମର୍ଥ୍ୟ ବୃଦ୍ଧି

### ଗୋଷ୍ଠୀ / ଜନସାଧାରଣଙ୍କର ପାଇଁ ସମାଧାନ

ଏହା କେବଳ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ନୁହେଁ ବରଂ ସମସ୍ତ ପ୍ରଭାବିତ ଜନସାଧାରଣଙ୍କ ପାଇଁ ସମାଧାନର ପନ୍ଥା ସୃଷ୍ଟି କରେ

### ସଠିକ୍ ସମୟରେ ନ୍ୟାୟିକ ସମାଧାନ

ଅଣ-ଶତ୍ରୁଭାବାପନ୍ନ ଏବଂ ସୃଜନଶୀଳ ପ୍ରତିକାରକୁ ବିନିଯୋଗ କରି ଏହା ନ୍ୟାୟିକ ସମସ୍ୟାକୁ ଅଦାଲତ ଅପେକ୍ଷା ଶିଘ୍ର ସମାଧାନ କରେ

### ସୁଲଭ ସମାଧାନ

ଗତାନୁଗତିକ ନ୍ୟାୟିକ ସେବା ତୁଳନାରେ ଏହା ସୁଲଭ ଓ ସୁଗମ


### ଗୁରୁତ୍ୱପୂର୍ଣ୍ଣ ଯୋଗସୂତ୍ର

ଏହା ପ୍ରଭାବିତ ଜନସାଧାରଣ / ସମୂହ ଏବଂ ପାରମ୍ପରିକ/ଅଣପାରମ୍ପରିକ ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ ସେବା ପ୍ରଦାନକାରୀ ଯଥା-ଓକିଲଙ୍କ ସହ ଯୋଗସୂତ୍ର ସୃଷ୍ଟିକରେ

### ସମୂହର ଅବଧାରଣା ଗଠନ କରେ

ଏହା ସମୂହର ନ୍ୟାୟ ବ୍ୟବସ୍ଥା ପ୍ରତି ଅବଧାରଣ ଗଠନ / ପୁର୍ନଗଠନ କରେ ଏବଂ ନ୍ୟାୟବ୍ୟବସ୍ଥାରେ ଜନସାଧାରଣଙ୍କର ଅସ୍ଥା ସୃଷ୍ଟିକରେ





# ଭାଗ ୨

## ପରିବେଶ ନ୍ୟାୟ ପାଇଁ ଗୋଷ୍ଠୀ ଆଇନସହାୟକ କଣ କରନ୍ତି ?

# ପରିବେଶ ନ୍ୟାୟ ଆଇନସହାୟକ ଜନଗୋଷ୍ଠୀଙ୍କୁ କିପରି ସାହାଯ୍ୟ କରନ୍ତି

ପରିବେଶ ସମ୍ବନ୍ଧୀୟ ଆଇନ, ନିୟମ ଏବଂ ନୀତି ପ୍ରସ୍ତୁତି, କାର୍ଯ୍ୟକାରୀ କରିବା ଏବଂ ପ୍ରବର୍ତ୍ତନରେ ସର୍ବସାଧାରଣଙ୍କର ମଧ୍ୟରେ  ବିକାଶ ମାନଦଣ୍ଡରେ ଭିନ୍ନତା ସତ୍ତ୍ୱେ, ସେମାନଙ୍କୁ ନିରପେକ୍ଷ ପ୍ରସ୍ତାବନା ପାଇଁ ସୁଯୋଗ ପ୍ରଦାନ ଓ ସେମାନଙ୍କର ଅର୍ଥପୂର୍ଣ୍ଣ ସଂପୃକ୍ତିକୁ ପରିବେଶ ନ୍ୟାୟ ବୋଲି କୁହାଯାଏ। ପରିବେଶ, ସ୍ୱାସ୍ଥ୍ୟ ଏବଂ ଜୀବନଜୀବିକାର ସ୍ଥିତିକୁ ପ୍ରଭାବିତ କରୁଥିବା କିମ୍ବା ପ୍ରଭାବିତ କରିପାରୁଥିବା ଆଇନକାନୁନ ମଧ୍ୟ ଏହାର ଅନ୍ତର୍ଭୁକ୍ତ।

ପରିବେଶ ନ୍ୟାୟ କେବଳ ପରିବେଶ ସୁରକ୍ଷା ଓ ସଂରକ୍ଷଣ ସମ୍ବନ୍ଧୀୟ ନୁହେଁ, ବରଂ ଏହା ସଂରକ୍ଷଣର ଲାଭ ଏବଂ ପ୍ରଦୂଷଣର ଭାର କିମ୍ବା ଅନ୍ୟାନ୍ୟ ପରିବେଶ ସମ୍ବନ୍ଧୀୟ  ସମସ୍ୟାର ନ୍ୟାୟସଙ୍ଗତ ଆବଣ୍ଟନ। ଏହି ଲାଭ କିମ୍ବା ଭାରକୁ ସମାନଭାବରେ ଆବଣ୍ଟନ କରାନଗଲେ କିଛି ଗୋଷ୍ଠୀ ଅନ୍ୟ ଗୋଷ୍ଠୀ ତୁଳନାରେ ଅଧିକ ଅସୁରକ୍ଷିତ ହୋଇଯାଆନ୍ତି। ସେମାନଙ୍କର ଜୀବନକୁ ଅନ୍ୟମାନଙ୍କର ଜୀବନ ତୁଳନାରେ କମ୍ ଗୁରୁତ୍ୱପୂର୍ଣ୍ଣ ଏବଂ ସେମାନଙ୍କୁ ଅଦରକାରୀ ମନେ କରାଯାଏ।

ପରିବେଶ ନ୍ୟାୟ ଉପରେ ଧ୍ୟାନ କେନ୍ଦ୍ରିତ କରିଥିବା ଗୋଷ୍ଠୀ ଆଇନସହାୟକମାନେ ପରିବେଶ ଜନିତ ସମସ୍ୟାର ସମ୍ମୁଖୀନ ହେଉଥିବା ଗୋଷ୍ଠୀ କିମ୍ବା ସେପରି ଗୋଷ୍ଠୀ ଯାହାକୁ ଭୁଲ୍ ନିଷ୍ପତ୍ତି ଯୋଗୁଁ ପରିବେଶର କୁପ୍ରଭାବ ଭୋଗ କରିବାକୁ ପଡ଼େ ତାହାକୁ ସହାୟତା ପ୍ରଦାନ କରିଥାନ୍ତି। ସେପରି ଗୋଷ୍ଠୀ ମାନଙ୍କୁ ଜୀବନଧାରଣ ଓ କାର୍ଯ୍ୟକରିବାର ପରିସ୍ଥିତିକୁ ଉନ୍ନତ କରିବା ତଥା ସେମାନଙ୍କର ଜୀବନଜୀବିକାକୁ ସୁରକ୍ଷିତ କରିବା ପାଇଁ ଆଇନସହାୟକମାନେ ସହାୟତା ପ୍ରଦାନ କରିଥାନ୍ତି। ପ୍ରଭାବିତ ଗୋଷ୍ଠୀମାନଙ୍କୁ ଆଇନସହାୟକମାନେ ପରିବେଶ ସମ୍ବନ୍ଧୀୟ ଆଇନ/ନୀତିନିୟମ ବୁଝାଇ, ବ୍ୟବହାର କରାଇ ଓ ଏହାକୁ ଆକାର ଦେଇ ପରିବେଶର ପ୍ରଭାବକୁ ହ୍ରାସ କରିଥାନ୍ତି। ଶିଳ୍ପୋନ୍ନତ ଅଞ୍ଚଳରେ, ଏହି ଆଇନସହାୟକମାନେ ଏବଂ ସେମାନେ ଯେଉଁ ଗୋଷ୍ଠୀ/ଜନସାଧାରଣଙ୍କର ସହ କାମ କରନ୍ତି ସେଠାକାର ସରକାର ଓ ଶିଳ୍ପାନୁଷ୍ଠାନଙ୍କୁ ଆଇନର ଶାସନ, ପରିବେଶ ସୁରକ୍ଷା ଓ ସାମାଜିକ ନ୍ୟାୟ ପ୍ରତି ଉତ୍ତରଦାୟୀ କରନ୍ତି। ପରିବେଶ ନ୍ୟାୟ ପାଇଁ କାର୍ଯ୍ୟକରୁଥିବା ଆଇନସହାୟକ ଗୋଷ୍ଠୀ/ସମୂହକୁ ଆଇନକୁ ଜାଣିବା, ବ୍ୟବହାର କରିବା ଓ ଏହାକୁ ଆକାର ଦେବାରେ ସାହାଯ୍ୟ କରିଥାନ୍ତି।

## ଆଇନ

ଜାଣିବା

ବ୍ୟବହାର କରିବା

ଆକାର ଦେବା



ଆଇନସହାୟକ ମାମଲା ପାଇଁ ଆଇନ ଅଧ୍ୟୟନ କରୁଛନ୍ତି, ମିଆଁମାର



ଆଇନସହାୟକ, ସହାୟକ ଗୋଷ୍ଠୀ ଓ ଆଇନଗବେଷକ ଏକ ମାମଲା ବିଷୟରେ ଆଲୋଚନା କରୁଛନ୍ତି, ଗୁଜୁରାଟ

## ଆଇନ ଜାଣିବା

ପରିବେଶ ସମ୍ବନ୍ଧୀୟ ଆଇନ ଓ ନିୟାମକ ପ୍ରକ୍ରିୟାଗୁଡ଼ିକ ବିଷୟରେ ଆଇନସହାୟକମାନେ ଗୋଷ୍ଠୀ/ସମୂହକୁ ତାଲିମ ପ୍ରଦାନ କରିଥାନ୍ତି। ଯେଉଁ ଗୋଷ୍ଠୀ/ସମୂହର ପରିବେଶ ଆଇନ ଓ ସାମ୍ବିଧାନିକ ପ୍ରତିକାର ସମ୍ବନ୍ଧରେ ଜ୍ଞାନ ଥାଏ ସେ ବିଶୁଦ୍ଧ ବାୟୁ, ଜଳ, ଖାଦ୍ୟ ଓ ଜୀବନର ଅଧିକାର ସାବ୍ୟସ୍ତ କରିପାରିବାର ସାମର୍ଥ୍ୟ ହାସଲ କରିଥାଏ, ଏହିପରି ବିଚାର ଦ୍ୱାରା ଏହା ପ୍ରେରିତ। ଭୂ-ବିନିଯୋଗରେ ପରିବର୍ତ୍ତନ ଓ ପ୍ରାକୃତିକ ସମ୍ପଦ ଉତ୍ତୋଳନ କରୁଥିବା ପ୍ରକଳ୍ପ ବାବଦରେ ସରକାର ନେଉଥିବା ନିଷ୍ପତ୍ତିଗ୍ରହଣ ପ୍ରକ୍ରିୟାରେ ଭାଗିଦାରୀତାର ଅଧିକାର ସାବ୍ୟସ୍ତ କରିବାରେ ସେମାନେ ମଧ୍ୟ ସମର୍ଥ ହୋଇଥାନ୍ତି। ଅଧିକାର ସାବ୍ୟସ୍ତ କରିବା ବ୍ୟତିରେକ ସେମାନେ ସରକାର ଓ ଅନ୍ୟାନ୍ୟ ବ୍ୟକ୍ତି/ଅନୁଷ୍ଠାନ ଯଥା କମ୍ପାନୀମାନଙ୍କୁ ପରିବେଶ ସୁରକ୍ଷା ଓ ସାମାଜିକ ନ୍ୟାୟ ବିଷୟକ ତାଙ୍କର ଚୁକ୍ତିବଦ୍ଧତା ଓ ପ୍ରତିଶ୍ରୁତିବଦ୍ଧତା ପ୍ରତି ଉତ୍ତରଦାୟୀ କରିବା ପାଇଁ ସୃଜନଶୀଳ ପନ୍ଥା/ଉପାୟ ସୃଷ୍ଟି କରିପାରିବେ।

## ଆଇନର ବ୍ୟବହାର

ଗୋଷ୍ଠୀ/ସମୂହର ପ୍ରତିନିଧି କିମ୍ବା ନିର୍ଦ୍ଦିଷ୍ଟ ପରିବାର (ଯାହାକୁ ସହଭାଗୀ  ଗୋଷ୍ଠୀ କିମ୍ବା ମହକିଲ ବୋଲି ଦର୍ଶାଯାଇଥାଏ) ଠାରୁ ଅଭିଯୋଗ ପାଇଲେ ଆଇନସହାୟକ (ଜଙ୍ଗଲ, ଚାଷ ଜମି, ଜଳ ଉତ୍ସ କିମ୍ବା ମତ୍ସ୍ୟ ଉତ୍ପାଦନ କ୍ଷେତ୍ର ଉପରେ ପ୍ରଭାବ ସମ୍ବନ୍ଧୀୟ) ପରିବେଶ କିମ୍ବା ଅନ୍ୟାନ୍ୟ ପ୍ରାସଙ୍ଗିକ ନୀତିନିୟମର ଉଲଙ୍ଘନ କିମ୍ବା  ଅବମାନନା ଯୋଗୁଁ ଏହା ଘଟିଛି କି ନାହିଁ ତାହା  ଅନୁସନ୍ଧାନ କରି ଦେଖନ୍ତି। ପରିବେଶ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ସରକାରୀ କାର୍ଯ୍ୟାଳୟ ଏବଂ ପ୍ରତିଷ୍ଠାନ କିମ୍ବା ସେପରି କାର୍ଯ୍ୟାଳୟ ଏବଂ ପ୍ରତିଷ୍ଠାନ ଯାହାର ପ୍ରସାଶନିକ କାର୍ଯ୍ୟପରିସର ସାମାଜିକ ହିତ ଏବଂ ନ୍ୟାୟ ସହ ସଂଶ୍ଳିଷ୍ଟ ତାହାର ଦୃଷ୍ଟିକୁ ଏହା ଅଣାଯାଏ। ପ୍ରବର୍ତ୍ତନ ଓ ଫଳପ୍ରଦ ପ୍ରତିକାର ପାଇଁ ଉଦ୍ଦିଷ୍ଟ ନ୍ୟାୟିକ ପଦ୍ଧତିକୁ ସକ୍ରିୟ କରିବା ଦ୍ୱାରା ସେମାନେ କେବଳ ଯେ ସରକାର ଓ ଆଞ୍ଚଳିକ ଜନଗୋଷ୍ଠୀ/ସମୂହକୁ ପରସ୍ପରର ନିକଟବର୍ତ୍ତୀ କରନ୍ତି ତାହା ନୁହେଁ ସେମାନେ ପରିବେଶ, ପ୍ରଭାବିତ ଗୋଷ୍ଠୀ/ସମୂହ ଏବଂ ସେମାନଙ୍କର ଜୀବିକାକୁ ସୁରକ୍ଷା ପ୍ରଦାନ କରୁଥିବା ଆଇନକୁ ମଧ୍ୟ ସଂଜୀବନି ପ୍ରଦାନ କରିଥାନ୍ତି।

## ଆଇନକୁ ଆକାର/ଢ଼ାଞ୍ଚା ପ୍ରଦାନ କରିବା

ଆଇନସହାୟକ ପ୍ରସ୍ତୁତ କରିଥିବା ତଥ୍ୟ ସମ୍ବଳିତ ମାମଲାକୁ ଯତ୍ନର ସହ ଅନୁସରଣ ଓ ବିଶ୍ଳେଷଣ କରାଯାଏ। ଘଟଣାରୁ ସଂଗ୍ରହ କରାଯାଇଥିବା ତଥ୍ୟକୁ ସମ୍ମିଳିତ କରି ଆଇନ, ନୀତି, ପଦ୍ଧତି ଏବଂ ପ୍ରତିଷ୍ଠାନର ଢାଞ୍ଚାଗତ ଉନ୍ନତି ପ୍ରମାଣ ଆଧାରରେ କରାଯାଏ। ଯେଉଁ କ୍ଷେତ୍ରରେ ଦେଖାଯାଏ ଯେ କେତେକ ନିର୍ଦ୍ଧିଷ୍ଟ ପ୍ରକାରର କାର୍ଯ୍ୟକଳାପ ଯୋଗୁଁ ଉପୁଜୁଥିବା ସମସ୍ୟାର ପ୍ରତିକାର ଓ ସମାଧାନ ପାଇଁ ଆଇନ ନାହିଁ, ସେକ୍ଷେତ୍ରରେ ନୂଆ ଆଇନ ଏବଂ ମାର୍ଗଦର୍ଶୀକା ପ୍ରସ୍ତୁତି ପାଇଁ ପ୍ରସ୍ତାବ କିମ୍ବା ସୁପାରିଶ କରାଯାଏ। ଏହି ଉଦ୍ଦେଶ୍ୟ ସାଧନରେ ଆଇନସହାୟକମାନେ ଗବେଷକର ଭୂମିକା ଗ୍ରହଣ କରି ପ୍ରଭାବିତ ଗୋଷ୍ଠୀ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ନିମନ୍ତେ ପ୍ରଶାସନିକ ଓ ପରିବେଶ ଆଇନ ପ୍ରସ୍ତୁତି ପାଇଁ ତଥ୍ୟ ସଂଗ୍ରହ କରିଥାନ୍ତି।

ଆଇନ ଓ ପ୍ରତିଷ୍ଠାନର କାର୍ଯ୍ୟଧାରାରେ ଢାଞ୍ଚାଗତ ପରିବର୍ତ୍ତନ ପାଇଁ ପ୍ରମାଣ ଆଧାରିତ ପ୍ରସ୍ତାବନା ପ୍ରସ୍ତୁତିରେ ମାମଲାର ତଥ୍ୟକୁ ବ୍ୟବହାର କରାଯାଇଥାଏ। ଆଇନସହାୟକମାନଙ୍କୁ ମାମଲା ସମ୍ପର୍କୀତ ତଥ୍ୟ ସଂଗ୍ରହ, ସେମାନଙ୍କର ଅନୁଭୂତି ନଥିକରଣ, ଆଇନ ବିଷୟକ ଗବେଷଣା ଓ ସେମାନେ ଆବଶ୍ୟକ କରୁଥିବା ଆନ୍ୟାନ୍ୟ ସାହାଯ୍ୟ ଯୋଗାଇଦେବା ପାଇଁ ସହାୟକ ଦଳ (Support Team) ନିୟୋଜିତ କରାଯାଇଥାଏ ଯେଉଁମାନେ ଡ଼ାଟାବେସ୍‌ର ପରିଚାଳନା କରିଥାନ୍ତି ଓ ଆଇନସହାୟକମାନଙ୍କୁ ନିୟମିତ ବିବରଣୀ ଓ ମତାମତ ପ୍ରଦାନ କରିଥାନ୍ତି। ସହାୟକଗୋଷ୍ଠୀ, ଆଇନସହାୟକ ଏବଂ ସହାୟକ ଦଳ ଏକାଠି ସେମାନଙ୍କର ଅନୁଭୂତି ଓ ସଂଗୃହିତ ତଥ୍ୟ ଆଧାରରେ ନୀତି ବିବୃତି (Policy Statement) ପ୍ରସ୍ତୁତ କରିଥାନ୍ତି ଏବଂ ଅଧିକ ଉପଯୋଗୀ ନୀତି/କାର୍ଯ୍ୟ ସମ୍ପାଦନ ପଦ୍ଧତି ପାଇଁ ଜନ ଓକିଲାତି କରିଥାନ୍ତି।


ಚಿಪ್ಪೆಕಲ್ಲು ಆರಿಸುವವರನ್ನೂ ಮೀನುಗಾರರೆಂದು ಪರಿಗಣಿಸಿ

ଅଘନାସିନି ଶାମୁକା ସଂଗ୍ରାହକ ସେମାନଙ୍କୁ କର୍ଣ୍ଣାଟକର ମତ୍ସ୍ୟଜୀବି ଯୋଜନାରେ ସାମିଲ କରିବା ପାଇଁ କର୍‌ୱାର୍ କଲେକ୍ଟରଙ୍କୁ ପ୍ରଦାନ କରୁଥିବା ସ୍ମାରକ ପତ୍ରର ଖବରକାଗଜ ରିପୋର୍ଟ





ଓଖା, ଗୁଜୁରାଟରେ ବକ୍ସାଇଟ୍‌ର ଖୋଲା ଗଦା ବାୟୁ ପ୍ରଦୂଷଣ ସୃଷ୍ଟି କରୁଛି

ପାରାଲିଗାଲ୍ ନୀତି ପଦକ୍ଷେପ

## ଗୁଜୁରାଟରେ ଖଣିଜପଦାର୍ଥ କାରବାର ପାଇଁ ନୀତିନିୟମ

ଭାରତର ପଶ୍ଚିମରେ ଅବସ୍ଥିତ ସମୁଦ୍ର ତଟବର୍ତ୍ତୀ ରାଜ୍ୟ ଗୁଜୁରାଟରେ ଅନେକ ସାମୁଦ୍ରିକ ବନ୍ଦର ଅଛି, ଯେଉଁଠାରେ ଖଣିଜପଦାର୍ଥ ଯଥା-କୋଇଲା, ବକ୍ସାଇଟ୍ ଓ ଚୂନପଥର ଇତ୍ୟାଦି ଖଣିଜପଦାର୍ଥର କାରବାର ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁମତି ପ୍ରଦାନ କରିଛି। ସେହିଅଞ୍ଚଳର ଆଖପାଖରେ ଥିବା ଗୋଷ୍ଠୀ/ଜନସାଧାରଣ ଖଣିଜପଦାର୍ଥ କାରବାର ହେତୁ ସେମାନଙ୍କର ଜୀବନ, ସ୍ୱାସ୍ଥ୍ୟ ଓ କୃଷିକ୍ଷେତ୍ର ଉପରେ କୁପ୍ରଭାବ ପଡୁଛି ବୋଲି ଅଭିଯୋଗ କରିଆସୁଛନ୍ତି। ଯେତେବେଳେ ପ୍ରଭାବିତ ଜନସମୂହ ସହ କାମକରୁଥିବା ଆଇନସହାୟକମାନେ ମଞ୍ଜୁରୀ ପତ୍ରକୁ ଯାଞ୍ଚ କରି ଦେଖିବାକୁ ଚେଷ୍ଟାକଲେ ଯେ ମଞ୍ଜୁରୀ ପତ୍ରରେ ରଖାଯାଇଥିବା କୌଣସି ସର୍ତ୍ତର ଉଲଙ୍ଘନ ହେଉଛି କି ନାହିଁ, ସେତେବେଳେ ସେମାନେ ଜାଣିବାକୁ ପାଇଲେ ଯେ ଅନୁମତି ପତ୍ର କେବଳ କୋଇଲା କାରବାର ପାଇଁ ପ୍ରଦାନ କରାଯାଇଅଛି। ଅନ୍ୟ ଯେଉଁସବୁ ଖଣିଜପଦାର୍ଥ ଗୁଡ଼ିକୁ ଜମା କରି ରଖାଯାଉଛି ଏବଂ ସେଗୁଡ଼ିକର ପରିବହନ କରାଯାଉଅଛି ସେଥିରୁ ଉତ୍ପନ୍ନ ହେଉଥିବା ଧୂଳି ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଅନୁମତି ପତ୍ରରେ କୌଣସି ସର୍ତ୍ତର ଉଲ୍ଲେଖ ନାହିଁ।

ଆଇନସହାୟକ ଓ ସେମାନଙ୍କର ମହକିଲଙ୍କର ଦ୍ୱାରା ଏପରି ଅତିକମ୍‌ରେ ୧୦ଟି ବନ୍ଦରକୁ ଚିହ୍ନିତ କରାଗଲା ଯେଉଁଠାରେ କି ଏପରି ସମସ୍ୟା ଦେଖା ଦେଉଥିଲା। ରାଜ୍ୟ ସରକାର କୋଇଲା କାରବାର ପାଇଁ ନୀତିନିୟମ ପ୍ରସ୍ତୁତ କରିଥିଲେ କିନ୍ତୁ ଅନ୍ୟାନ୍ୟ ଖଣିଜପଦାର୍ଥ ବାବଦରେ ନୀତିଗତ ଭାବେ ଓ ପ୍ରକଳ୍ପ ମଞ୍ଜୁରୀରେ କୌଣସି ନୀତିନିୟମ ନଥିଲା। ଆଇନ ସହାୟକ ଓ ସହାୟକ ଗୋଷ୍ଠୀଙ୍କର ଦ୍ୱାରା ସଂଗ୍ରହ କରାଯାଇଥିବା ପ୍ରମାଣ ଆଧାରରେ ଏହି ସମସ୍ୟାର ନିରାକରଣ ପାଇଁ ରାଜ୍ୟ ସରକାରଙ୍କୁ ସମସ୍ତ ବନ୍ଦରକୁ ପ୍ରଦାନ କରାଯାଇଥିବା ମଞ୍ଜୁରୀ ପତ୍ରକୁ ସମୀକ୍ଷା କରିବା ପାଇଁ ଏକ ଆବେଦନ ପ୍ରଦାନ କରାଗଲା। ସମସ୍ତ ଖଣିଜପଦାର୍ଥର କାରବାର କରୁଥିବା ଭିନ୍ନ ଭିନ୍ନ କ୍ଷେତ୍ର ଯଥା; ବନ୍ଦର, ଶିଳ୍ପକାରଖାନା ଓ ତାପଜ ବିଦ୍ୟୁତକେନ୍ଦ୍ର ସେମାନଙ୍କର ଜମା, କାରବାର ଓ ପରିବହନ କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରି ଖଣିଜପଦାର୍ଥ କାରବାର ନୀତିନିୟମକୁ (Mineral Handling Guidelines) ଆଇନତଃ ପ୍ରଣୟନ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ ପତ୍ର ପ୍ରଦାନ କରାଗଲା। ଏହି ଦୁଇଟି ଯାକ ଆବେଦନରେ ମାମଲା ପ୍ରାସଙ୍ଗିକ ପ୍ରମାଣ ଓ ଆଇନର ଭିନ୍ନ ଭିନ୍ନ ଧାରା ବାବଦରେ ଉଲ୍ଲେଖ ରହିଲା ଯାହା ସରକାରଙ୍କୁ ନୂତନ ନୀତି ପ୍ରଣୟନ ପାଇଁ ତାଙ୍କର କର୍ତ୍ତୃତ୍ୱ ସମ୍ପର୍କରେ ଦର୍ଶାଇଲା। ବିଜ୍ଞାନ ସମ୍ବନ୍ଧୀୟ ପ୍ରବନ୍ଧରେ ପ୍ରକାଶିତ ଗବେଷଣାକୁ ଆଧାରକରି ବିଶେଷ ସୁପାରିଶ ଗୁଡ଼ିକର ଉଲ୍ଲେଖ କରାଗଲା। *(ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ପ୍ରଦାନ କରାଯାଇବା ଚିଠି ପରିଶିଷ୍ଟ - ୧ ରେ ପ୍ରଦାନ କରାଯାଇଅଛି)*





କର୍ଣ୍ଣାଟକର ଉତ୍ତର କନ୍ନଡ଼ରେ ଆଇନସହାୟକମାନେ ସମ୍ବେଦନଶୀଳ ପରିବେଶ ଓ ଆର୍ଥିକ ଉତ୍ପାଦନଶୀଳ ଅଞ୍ଚଳ ଉପରେ ନିର୍ଭର କରୁଥିବା ଜନଗୋଷ୍ଠୀଙ୍କୁ ସେହି ଅଞ୍ଚଳରେ ସରକାର ବନ୍ଦର ନିର୍ମାଣ ପାଇଁ ଅନୁମୋଦନ କରିଥିବାରୁ ଏହାଦ୍ୱାରା ହେଉଥିବା ଆଇନର ଉଲଙ୍ଘନ ବାବଦରେ ବୁଝାଉଛନ୍ତି

ଗୁଜୁରାଟର ଭାପିରେ ଆଇନସହାୟକମାନେ ପ୍ରଭାବିତ ସ୍ଥାନୀୟ ବାସିନ୍ଦାଙ୍କ ସହ ରାସାୟନିକ ଶିଳ୍ପ କାରଖାନା ଯୋଗୁଁ ହେଉଥିବା ପ୍ରଦୂଷଣର ପ୍ରତିକାର ଓ ରାଜ୍ୟ ସରକାରଙ୍କର ଦ୍ୱାରା ଅନୁମୋଦିତ କାର୍ଯ୍ୟ ଯୋଜନା ଲାଗୁ କରାଇବା ପାଇଁ କାର୍ଯ୍ୟ କରୁଛନ୍ତି



# ଭାଗ ୩

## ଆଇନସହାୟକମାନେ ପରିବେଶ ନ୍ୟାୟ ସମ୍ପର୍କୀତ ମାମଲାଗୁଡ଼ିକ କିପରି ସମାଧାନ କରନ୍ତି ?

ପରିବେଶ ନ୍ୟାୟ ସମ୍ପର୍କୀତ ସମସ୍ୟା ଦ୍ୱାରା ପ୍ରଭାବିତ ଜନସାଧାରଣ ଆଇନସହାୟକଙ୍କୁ ମାମଲା ବାବଦରେ ଅବଗତ କରିଥାନ୍ତି । ଆଇନସହାୟକ ତାଙ୍କ ନିଜର ଆଇନ ବିଷୟକ ଜ୍ଞାନ ଓ କେଉଁ ପ୍ରତିଷ୍ଠାନ ସମସ୍ୟାର ପ୍ରତିକାର କରିପାରିବ ସେ ବିଷୟରେ ଜଣାଇବା ଦ୍ୱାରା ସମସ୍ୟାର ସମାଧାନ କରନ୍ତି । ଆଇନସହାୟକମାନେ ପ୍ରଭାବିତ ଜନସାଧାରଣଙ୍କୁ କିପରି ଯୁକ୍ତିଯୁକ୍ତ ତଥ୍ୟ ପ୍ରମାଣ ଏବଂ ଆଇନତଃ ଗ୍ରହଣୀୟ ସମାଧାନ ସହ ପ୍ରତିଷ୍ଠାନର ଦୃଷ୍ଟି ଆକର୍ଷଣ କରାଯାଇପାରିବ ସେ ସମ୍ପର୍କୀତ ପଥ ପ୍ରଦର୍ଶନ କରାଇଥାନ୍ତି ।

ମାମଲାକୁ ସମାଧାନ କରିବା ପାଇଁ ୪ଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଆବଶ୍ୟକ । ଏଗୁଡ଼ିକୁ ମଧ୍ୟ ପ୍ରକ୍ରିୟାର ସୋପାନ ବୋଲି ବିଚାର କରାଯାଇପାରେ । ମାମଲାର ନଥିକରଣ ପ୍ରକ୍ରିୟା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଚାଲୁରହିଥାଏ ।

### ସୋପାନ

1. ନିୟମ ଓ ଚିହ୍ନଟୀକରଣ
2. ନଥିକରଣ
3. ବିଶ୍ଳେଷଣ ଓ ପଦକ୍ଷେପ
4. ବିବରଣୀ ପ୍ରସ୍ତୁତି ଓ ପର୍ଯ୍ୟବେକ୍ଷଣ



# 3.1 ମାମଲା ଚୟନ ଓ ଚିହ୍ନଟୀକରଣ

**ପ୍ରଭାବିତ ଜନସାଧାରଣ ଆଇନସହାୟକଙ୍କର ଦୃଷ୍ଟିକୁ ମାମଲାଟିକୁ ଆଣିଥାନ୍ତି । କେତେକ କ୍ଷେତ୍ରରେ ଆଇନସହାୟକ ଅଞ୍ଚଳ ସହ ପରିଚିତ ଥିବା ହେତୁ ମାମଲାର ଚୟନ ସ୍ୱୟଂ କରିଥାନ୍ତି ।**

ପ୍ରତ୍ୟେକ ମାମଲାର କାରଣଟି କଣ ଜାଣିଲେ ହିଁ କେଉଁ ମାମଲାକୁ ଗୁରୁତ୍ୱ ପ୍ରଦାନ କରି ହାତକୁ ନିଆଯିବ ତାହା ସ୍ଥିର କରାଯାଇପାରିବ । ଏକାଧିକ କାରଣ ଓ ପ୍ରଭାବର ଉତ୍ସ, ବିସ୍ତୃତ ଅଞ୍ଚଳ ଓ ବ୍ୟାପକ ପ୍ରଭାବିତ ଜନସାଧାରଣ ଏବଂ ଭିନ୍ନ ଭିନ୍ନ ଗୋଷ୍ଠୀ ଓ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରଭାବ ଯୋଗୁଁ ପରିବେଶ ନ୍ୟାୟ ମାମଲା ବିଶେଷଭାବେ ଜଟିଳ । ଆଇନସହାୟକ ସୂଚନା/ତଥ୍ୟ ସଂଗ୍ରହରେ ପଟୁ ନହୋଇଥିଲେ ମାମଲାର ଚିହ୍ନଟୀକରଣ କରି ଏହାକୁ ଠିକ୍ ରୂପେ ବୁଝି ଏହା ଉପରେ କାମ କରିବା କଷ୍ଟକର । ମାମଲାକୁ ଚିହ୍ନଟ କରିବା ପାଇଁ ଅତିକମ୍‌ରେ ତିନୋଟି ପଦକ୍ଷେପ ଆବଶ୍ୟକ ।

1 ପ୍ରଭାବିତ ଜନସମୂହ ଏବଂ ସେମାନେ ସାମ୍ନା କରୁଥିବା ଭିନ୍ନ ଭିନ୍ନ ପ୍ରଭାବର ଚିହ୍ନଟୀକରଣ

2 ପ୍ରଭାବିତ ଜନସମୂହ କୁପ୍ରଭାବର ପ୍ରତିକାର କରିବା ପାଇଁ ପୂର୍ବରୁ ନେଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ସଂଗ୍ରହ

3 ଆଇନର ଫାଶ ଏବଂ ଦୋଷାରୋପ କିମ୍ବା ସମସ୍ୟାର ଉତ୍ସ/କାରଣ ନିରୂପଣ କରି ସମସ୍ୟାର ବକ୍ତବ୍ୟ/ଉକ୍ତି ପ୍ରସ୍ତୁତି



# ପ୍ରଭାବିତ ଜନସାଧାରଣ ଏବଂ ସକ୍ରିୟ ମହକିଲ / ସହାୟକ ଗୋଷ୍ଠୀ ନିରୂପଣ

## ସମସ୍ୟାକୁ ଜାଣିବା

ସାଧାରଣତଃ; ସମସ୍ୟା ଦ୍ୱାରା ପ୍ରଭାବିତ କିଛି ଲୋକ କିମ୍ବା ଜଣେ ବ୍ୟକ୍ତି ମାମଲାକୁ ଆଇନସହାୟକଙ୍କର ଦୃଷ୍ଟିକୁ ଆଣିଥାନ୍ତି । ସେମାନେ କରିଥିବା ସମସ୍ୟାର ବର୍ଣ୍ଣନା ଆଧାରରେ ଆଇନସହାୟକ ଅଧିକ ଅନୁସନ୍ଧାନ କରି ତଥ୍ୟ ଯୋଗାଡ଼ କରି ଦର୍ଶାଯାଇଥିବା ସମସ୍ୟା ମଧ୍ୟରେ ଲୁଚି ରହିଥିବା କାରଣ ଗୁଡ଼ିକ ଚିହ୍ନଟ କରିଥାନ୍ତି । ସମସ୍ୟା ସହ ସମ୍ପର୍କୀତ ସରକାରୀ ନଥିପତ୍ର, ଖବରକାଗଜ ରିପୋର୍ଟ ଓ ଅନ୍ୟାନ୍ୟ ଉପଲବ୍ଧ କାଗଜ ଇତ୍ୟାଦି ଆଇନସହାୟକ ଅଧ୍ୟୟନ କରିଥାନ୍ତି ।

## ପ୍ରଭାବିତ ଜନସାଧାରଣ ଚିହ୍ନଟୀକରଣ

ଆଇନସହାୟକ ସମସ୍ୟାଟି ଦେଖାଦେଇଥିବା ସ୍ଥାନକୁ କ୍ଷେତ୍ର ପରିଦର୍ଶନରେ ଯାଆନ୍ତି ଏବଂ ସମସ୍ୟା ଦ୍ୱାରା ପ୍ରଭାବିତ ଭିନ୍ନ ଭିନ୍ନ ସମସ୍ୟା ମଣ୍ଡଳରେ ଦେଖାଦେଇଥିବା ସମସ୍ୟାର ଆକଳନ କରନ୍ତି । ଏଥିପାଇଁ ଆଇନସହାୟକ ଅଲଗା ଅଲଗା ଜନଗୋଷ୍ଠୀ ଯଥା-ମହିଳା, ଯୁବଗୋଷ୍ଠୀ ଭିନ୍ନ ଭିନ୍ନ ଜାତିର ଲୋକ, ଆଦିମ ଅଧିବାସୀ କିମ୍ବା ଆଦିବାସୀ ତଥା ଭିନ୍ନ ଭିନ୍ନ ସମୂହ ଯଥା-ମତ୍ସ୍ୟଜୀବି, ଚାଷୀ ଏବଂ ଜଙ୍ଗଲ ଅଧିବାସୀଙ୍କର ସହ ଆଲୋଚନା କରନ୍ତି । ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ସମସ୍ୟାକୁ ବୁଝିବାରେ ଏହା ଆଇନସହାୟକଙ୍କୁ ସାହାଯ୍ୟ କରେ ।

## ପ୍ରଭାବର ଆକଳନ

ସମସ୍ୟାର ସମାଧାନ ହେଲେ କେତେଜଣ ପ୍ରଭାବିତ ବ୍ୟକ୍ତି ବା ଲାଭାର୍ଥୀ ଏହାଦ୍ୱାରା ଲାଭ ପାଇପାରିବେ ତାହା ଆଇନସହାୟକ ଆକଳନ କରନ୍ତି । ଏହି ଗଣିତ/ଆକଳନ ବଡ଼ ଜଟିଳ । ଉଦାହରଣ ସ୍ୱରୂପ, ନଦୀ ପ୍ରଦୂଷଣ ଯୋଗୁଁ ନଦୀତଳିଆ ଅଞ୍ଚଳରେ ସମସ୍ତ ଜନସାଧାରଣ ପ୍ରଭାବିତ ହୋଇଥାନ୍ତି । ଏହି ସଂଖ୍ୟାର ଏକ ଆନୁମାନିକ ଆକଳନ ଭାରି ଦରକାରୀ ସାବ୍ୟସ୍ତ ହୋଇଥାଏ । ଯଦି ପ୍ରଦୂଷଣର ପ୍ରଭାବ ପାଇଁ ବ୍ୟକ୍ତି କିମ୍ବା ପରିବାର ପ୍ରତି କ୍ଷତିପୂରଣ ଦେୟ ସମ୍ବନ୍ଧୀୟ ମାମଲାଟି ହୋଇଥାଏ ତେବେ ସେ କ୍ଷେତ୍ରରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କେତେକ କ୍ଷେତ୍ରରେ, ଏହି ସଂଖ୍ୟାକୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ, ପରୋକ୍ଷରେ ପ୍ରଭାବିତ, ଏପର୍ଯ୍ୟନ୍ତ ପ୍ରଭାବିତ, ପ୍ରଚ୍ଛନ୍ନଭାବେ ପ୍ରଭାବିତ ଓ ସମ୍ଭାବ୍ୟ ପ୍ରଭାବିତ ଇତ୍ୟାଦି ବର୍ଗୀକରଣ ଆଧାରରେ ଭାଗଭାଗ କରାଯାଇପାରେ ।

## ସକ୍ରିୟ ମହକିଲ/ ଗୋଷ୍ଠୀ ସହାୟକଙ୍କର ସମବେତୀକରଣ

ଆଇନସହାୟକ ସମସ୍ତ ପ୍ରଭାବିତ ଜନସମୂହଙ୍କର ସହ କଥାବାର୍ତ୍ତା/ଆଲୋଚନା କରି କେଉଁମାନେ ସକ୍ରିୟଭାବେ ସମସ୍ୟାର ସମାଧାନ ପାଇଁ କାମ କରିବେ ସେମାନଙ୍କୁ ଚିହ୍ନଟକରନ୍ତି । ଚିହ୍ନଟୀକରଣ ହୋଇଥିବା ବ୍ୟକ୍ତିମାନଙ୍କର ସମୂହକୁ ସହାୟକ ଗୋଷ୍ଠୀ ବା ମହକିଲ ଗୋଷ୍ଠୀ କୁହାଯାଏ । ସମସ୍ୟା ଦ୍ୱାରା ପ୍ରଭାବିତ ଭିନ୍ନ ଭିନ୍ନ ବର୍ଗ ବିଶେଷକରି ମହିଳା, ଜାତି/ଗୋଷ୍ଠୀ ଏବଂ ଜୀବିକା ସମୂହକୁ ପ୍ରତିନିଧିତ୍ୱ କରୁଥିବା ବିବିଧ ବ୍ୟକ୍ତିଙ୍କୁ ନେଇ ଗଠିତ ସହାୟକ ଗୋଷ୍ଠୀ/ମହକିଲ ଗୋଷ୍ଠୀ ଗଠନ ସର୍ବୋତ୍କୃଷ୍ଟ ଅଟେ ।

# କୁମ୍‌ତାର ଆବର୍ଜନା ଗଦା



କର୍ଣ୍ଣାଟକର କୁମ୍‌ତାରେ ଆବର୍ଜନା ଗଦା

## ପ୍ରଭାବିତ ଜନସାଧାରଣ ଓ ସହାୟକ ଗୋଷ୍ଠୀ ଚିହ୍ନଟକରଣ

ଭାରତର କର୍ଣ୍ଣାଟକ ରାଜ୍ୟର ଉତ୍ତରରେ ଅବସ୍ଥିତ କୁମ୍‌ତା ସହରର ପୌରପାଳିକା ପୌରାଞ୍ଚଳରୁ ସଂଗ୍ରହ କରୁଥିବା ଅଳିଆ ଆବର୍ଜନାକୁ ମୁରୁର୍ ପାହାଡ଼ ଉପରେ ଗଦା କରିଆସୁଥିଲା । ଏହି ପାହାଡ଼ର ନିକଟରେ ତିନୋଟି ଗ୍ରାମ ଅବସ୍ଥିତ ଏବଂ ପାଖାପାଖି ୫୦ଟି ପରିବାର ଏହି ଦୁର୍ଗନ୍ଧମୟ ପରିବେଶର ଅତି ନିକଟରେ ବାସ କରୁଥିଲେ । ଅଳିଆଗଦାର ଅଳିଆ ପବନ ଓ ଜଳସ୍ରୋତଦ୍ୱାରା ପାଖରେ ଥିବା ଗ୍ରାମ ଗୁଡ଼ିକରେ ପହଞ୍ଚିଯାଉଥିଲା । ଏହି ସମସ୍ୟାକୁ ଯଦି ରୋକାନଯାଏ, ତେବେ ଅଳିଆ ଆବର୍ଜନାର ଭାର ବଢ଼ିବାରେ ଲାଗିବ ଏବଂ ଏହାଦ୍ୱାରା ଅନ୍ୟାନ୍ୟ ପାର୍ଶ୍ୱବର୍ତ୍ତୀ ଗ୍ରାମର ପାଖାପାଖି ୨୦୦ ପରିବାର ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଥାଏ । ବର୍ଷାଦିନେ ଅଳିଆ ଗଦାର ପାଣି ପାହାଡତଳେ ଅବସ୍ଥିତ ସମସ୍ତ କୂଅର ପାଣିରେ ମିଶିଯାଏ । ଆବର୍ଜନାଗଦାର ଅତି ନିକଟରେ ଅବସ୍ଥିତ ୩ଟି ଗ୍ରାମର ୩୦ ଜଣ ବ୍ୟକ୍ତି ଆଇନସହାୟକଙ୍କ ସହ ମିଶି ପୌରପରିଷଦକୁ ସେଠାରେ ଆବର୍ଜନା ଗଦା କରିବାରୁ ବିରତ କରିବା ପାଇଁ ଓ ସେ ଅଞ୍ଚଳର ଗ୍ରାମୀଣ କ୍ଷେତ୍ରରେ ଆବର୍ଜନା ନିଷ୍କାସନର ଏକ ଦୀର୍ଘସୂତ୍ରୀ ସମାଧାନ ବାହାର କରିବା ପାଇଁ ଚେଷ୍ଟା ଆରମ୍ଭ କଲେ । ଏହି ମାମଲାରେ ୩୦ ଜଣ ବ୍ୟକ୍ତି ଯେଉଁମାନେ ଆଇନସହାୟକଙ୍କର ସହ ମିଶି ପୌରପରିଷଦକୁ ଆବର୍ଜନା ଗଦା କରିବାରୁ ବିରତ କରିବା ପାଇଁ ଚେଷ୍ଟାକଲେ ସେମାନେ ହେଲେ ସହାୟକ ଗୋଷ୍ଠୀ । ଆବର୍ଜନା ଗଦା ହେଉଥିବା ପାହାଡ଼ ନିକଟରେ ବସବାସ କରୁଥିବା ୫୦ଟି ପରିବାର ଏବଂ ଅନ୍ୟାନ୍ୟ ନିକଟବର୍ତ୍ତୀ ଗ୍ରାମର ୨୦୦ ପରିବାର ଯେଉଁମାନେ କି ସମସ୍ୟା ସମାଧାନ ନହେଲେ ପ୍ରଭାବିତ ହେବାର ଆଶଙ୍କା ଅଛି ସେମାନେ ହେଉଛନ୍ତି ପ୍ରଭାବିତ ଜନସାଧାରଣ ।

## ପୂର୍ବ ଉଦ୍ୟମ ସମ୍ପର୍କରେ ସୂଚନା ସଂଗ୍ରହ

ଆଇନସହାୟକମାନେ ସମ୍ମୁଖୀନ ହେଉଥିବା ଅଧିକାଂଶ ପରିବେଶ ନ୍ୟାୟ ସମ୍ପର୍କୀତ ମାମଲା ପୁରୁଣା ଯାହାକି ଅନେକ ବର୍ଷ ତଳୁ ଦେଖାଦେଇଥାଏ । ବିଗତବର୍ଷ ମାନଙ୍କରେ ପ୍ରଭାବିତ ଜନସମୂହ ସେମାନେ ସାମ୍ନା କରୁଥିବା ସମସ୍ୟାର ସମାଧାନ ପାଇଁ ଅନେକ ପଦକ୍ଷେପ ନେଇପାରିଥାନ୍ତି । ପଦକ୍ଷେପଗୁଡ଼ିକ ମଧ୍ୟରେ ସେହି ଅଞ୍ଚଳରେ ପ୍ରଶାସନିକ ମୁଖ୍ୟଙ୍କ ନିକଟରେ ମୌଖିକ ଅଭିଯୋଗ, ସ୍ଥାନୀୟ ରାଜନୀତିଜ୍ଞମାନଙ୍କର ସାହାଯ୍ୟ, ସମସ୍ୟା ସୃଷ୍ଟି କରୁଥିବା କମ୍ପାନୀ ବା ଶିଳ୍ପକାରଖାନା ପାଖରେ ଅଭିଯୋଗ ଦାଖଲ ଓ ସମସ୍ୟା ଜଟିଳ ହୋଇଥିଲେ ପୋଲିସ୍ ପାଖରେ ଅଭିଯୋଗ ଦାଖଲ ଅନ୍ତର୍ଭୁକ୍ତ । କେତେକ ସ୍ଥାନରେ ଯେଉଁଠାରେ ପ୍ରଭାବିତ ଜନସାଧାରଣ ସଂଗଠିତ ହୋଇ କୌଣସି ସାମୁହିକ ପଦକ୍ଷେପ ଗ୍ରହଣ କରିଥାନ୍ତି ସେସ୍ଥାନରେ ସେମାନେ କୌଣସି ବେସରକାରୀ ଅନୁଷ୍ଠାନ କିମ୍ବା ମାମଲା ପାଇଁ ଓକିଲ କିମ୍ବା ଉଚ୍ଚସ୍ତରୀୟ ଜନଓକିଲାତିର ସାହାଯ୍ୟ ନେଇପାରିଥାନ୍ତି । କହିବା ବାହୁଲ୍ୟ ଯେ, ପୂର୍ବ ପଦକ୍ଷେପ ଯୋଗୁଁ ଯେଉଁସବୁ ମାମଲା ସମାଧାନ ହୋଇଯିବା ସ୍ଥିତିରେ ପହଞ୍ଚିସାରିଲାଣି ତାକୁ ଅଗ୍ରାଧିକାର ଦେବା ଅପେକ୍ଷା ଯେଉଁ କ୍ଷେତ୍ରରେ ମାମଲାର ସମାଧାନ ହୋଇପାରିନାହିଁ ସେସବୁକୁ ଆଇନସହାୟକମାନେ ଗୁରୁତ୍ୱପ୍ରଦାନ କରିବା ଉଚିତ୍ ।

ମୁଖ୍ୟ ଅଭିଯୋଗ, ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ତଥ୍ୟ ପ୍ରମାଣ, କେଉଁ ପ୍ରତିଷ୍ଠାନ ସହ ମାମଲା ବାବଦରେ ଆଲୋଚନା କରାଯାଇଅଛି, ଗ୍ରହଣ କରାଯାଇଥିବା ରଣକୌଶଳ ଏବଂ ଫଳାଫଳ ବିଷୟରେ ସଠିକ୍ ଧାରଣା ପାଇଁ ଆଇନସହାୟକଙ୍କୁ ପୂର୍ବ ପଦକ୍ଷେପ ସମୟରେ ପ୍ରସ୍ତୁତ କରାଯାଇଥିବା ଦଲିଲ୍ ଦସ୍ତାବିଜ ସାହାଯ୍ୟ କରେ । ଏହି ତଥ୍ୟ ଆଇନସହାୟକଙ୍କୁ ପ୍ରତିକାର/ସମାଧାନର ଏକ ସମ୍ଭାବ୍ୟ ପଥ/ପନ୍ଥା ସୃଷ୍ଟି କରିବାରେ ସାହାଯ୍ୟ କରେ । ଏହା କେଉଁ ରଣକୌଶଳ/ଉପାୟ ଅତୀତରେ ଫଳପ୍ରଦ ହୋଇଥିଲା ଏବଂ କେଉଁ ଉପାୟ ବର୍ତ୍ତମାନ ପରିସ୍ଥିତିରେ ସମସ୍ୟା ସମାଧାନରେ ସାହାଯ୍ୟ କରିବ କିମ୍ବା ଫଳପ୍ରଦ ହେବନାହିଁ ତାହା ବୁଝିବାରେ ସାହାଯ୍ୟ କରେ । ଏହା ହୋଇସାରିଥିବା କାର୍ଯ୍ୟକୁ ଦୋହରାଇବା ଓ ସମ୍ବଳର ଦୁରୁପଯୋଗ ଏଡ଼ାଇବାରେ ମଧ୍ୟ ସାହାଯ୍ୟ କରେ । ଆଇନସହାୟକ ଆଗରୁ ହୋଇଥିବା କାମରୁ ଫାଇଦା ନେବା ଏବଂ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଦଲିଲ୍ ଓ ପ୍ରାସଙ୍ଗିକ ତଥ୍ୟକୁ ଦକ୍ଷତାର ସହ ବ୍ୟବହାର କରିବାରେ ସମର୍ଥ ହୋଇଥାନ୍ତି ।

ଆଇନସହାୟକ ପୂର୍ବରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଓ ପ୍ରଚେଷ୍ଟା ବାବଦରେ କ୍ଷେତ୍ର ପରିଦର୍ଶନ ଓ ଭିନ୍ନ ଭିନ୍ନ କାର୍ଯ୍ୟକର୍ତ୍ତାଙ୍କର ସହ ଆଲୋଚନା କରି ସୂଚନା ସଂଗ୍ରହ କରିଥାନ୍ତି ।



ଭାପି, ଗୁଜୁରାଟରେ ଆଇନସହାୟକ ପ୍ରଭାବିତ ଜନଗୋଷ୍ଠୀର ନେତାଙ୍କ ସହ ଆଲୋଚନା କରୁଛନ୍ତି

## ସମସ୍ୟାର ଉକ୍ତି / ବକ୍ତବ୍ୟ ପ୍ରସ୍ତୁତି

ସମସ୍ୟା ଉକ୍ତି/ବକ୍ତବ୍ୟ ହେଉଛି ମାମଲା/ଘଟଣାର କାରଣ ସମ୍ପର୍କରେ ଗୋଟିଏ କିମ୍ବା ଦୁଇଟି ବାକ୍ୟରେ ବର୍ଣ୍ଣନା । ଆଇନ ସହାୟକ ସମସ୍ୟାର ଉକ୍ତି ପ୍ରସ୍ତୁତ କରିଥାନ୍ତି ଯାହାକି ପ୍ରଭାବିତ ଜନସମୂହ ସାମ୍ନା କରୁଥିବା ପ୍ରଭାବର ଏକ ସଂକ୍ଷିପ୍ତ ବିବରଣୀ । ଆଇନସହାୟକ ତାଙ୍କର ଆଇନ ସମ୍ବନ୍ଧୀୟ ଜ୍ଞାନ ସାହାଯ୍ୟରେ ପ୍ରଭାବ ସହ ନୀତିନିୟମର ଉଲଙ୍ଘନ କିମ୍ବା ପରିବେଶ ସୁରକ୍ଷା ସମ୍ପର୍କୀତ ଆଦେଶ ଅବମାନନାର ସମ୍ପର୍କକୁ ପ୍ରତିଷ୍ଠିତ କରିଥାନ୍ତି । ଏହା ମଧ୍ୟ କିଏ ନିୟମର ଉଲଙ୍ଘନ କରିବା ଯୋଗୁଁ କୁପ୍ରଭାବ ସୃଷ୍ଟି ହେଉଛି ତାହା ପ୍ରତିଷ୍ଠିତ କରାଏ ।

ମାମଲାଟିକୁ ସଠିକ୍ ଦିଗରେ ଆଗେଇନେବା ପାଇଁ ସମସ୍ୟା ଉକ୍ତି ପ୍ରସ୍ତୁତିରେ ପ୍ରଭାବ ଓ କିଏ ଆଦେଶ ଅବମାନନା କରିଥିବା ହେତୁ କୁପ୍ରଭାବ ସୃଷ୍ଟି ହୋଇଛି ଯାହାଙ୍କ ବିରୁଦ୍ଧରେ ପ୍ରସାଶନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ ତାହା ସ୍ପଷ୍ଟ ରୂପେ ଦର୍ଶାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଉକ୍ତି / ବକ୍ତବ୍ୟ ଆଇନସହାୟକ ଓ ସହାୟକ ଗୋଷ୍ଠୀଙ୍କୁ ସମସ୍ୟା ସମ୍ପର୍କରେ ଆବଶ୍ୟକ ତଥ୍ୟ ପ୍ରମାଣ ଯୋଗାଡ଼ କରିବାରେ, ଉପଯୁକ୍ତ ପ୍ରତିଷ୍ଠାନର ଦୃଷ୍ଟି ଆକର୍ଷଣ କରିବାରେ ଏବଂ ସର୍ବୋତ୍କୃଷ୍ଟ ପ୍ରତିକାର ହାସଲ କରିବାରେ ସାହାଯ୍ୟ କରେ ।



ଆଇନସହାୟକ ପ୍ରକଳ୍ପ ଦଳ ସଦସ୍ୟ ସମସ୍ୟା ଉକ୍ତି ପ୍ରସ୍ତୁତି ପାଇଁ ଆଲୋଚନା କରୁଛନ୍ତି, ମିଆଁମାର




ଗୁଜୁରାଟ ତଟ ଅଞ୍ଚଳରେ ନୋ-ଡ଼େଭେଲପ୍‌ମେଣ୍ଟ ଜୋନ୍

ସମସ୍ୟା ଉକ୍ତିର ପ୍ରସ୍ତୁତି

### ତଟ ନିୟନ୍ତ୍ରଣ ମଣ୍ଡଳରେ (କୋଷ୍ଟାଲ ରେଗୁଲେସନ୍ ଜୋନ୍) କ୍ଷତିକାରକ ରାସାୟନିକ ପଦାର୍ଥର ସଂରକ୍ଷଣ

କଚ୍ଛର ପରିବେଶ ନ୍ୟାୟ ଉପରେ କାର୍ଯ୍ୟ କରୁଥିବା ଜଣେ ଆଇନସହାୟକ ଏକ ମାମଲାରେ ତାଙ୍କର ସମସ୍ୟା ଉକ୍ତି ଏହିପରି ଥିଲା, "ଏକ କମ୍ପାନୀ ଦ୍ୱାରା ସିଆର୍‌ଜେଡ୍-ଏନ୍‌ଡିଜେଡ୍‌ରେ ନିର୍ମାଣାଧିନ କ୍ଷତିକାରକ ରାସାୟନିକ ପଦାର୍ଥର ଗୋଦାମ ମିଥା ବନ୍ଦରର ଅଧିବାସୀଙ୍କର ଜୀବନ ଓ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଛି"। ଏହି ସମସ୍ୟା ଉକ୍ତି ପ୍ରକଳ୍ପର କିସମ, ଏହାର ବେଆଇନ୍ ସ୍ଥାନରେ ପ୍ରତିଷ୍ଠା ଏବଂ ପ୍ରଚ୍ଛନ୍ନ କୁପ୍ରଭାବକୁ ସାବଲୀଳ ଢଙ୍ଗରେ ଉପସ୍ଥାପନ କରୁଛି । ତଟ ନିୟନ୍ତ୍ରଣ ମଣ୍ଡଳ (କୋଷ୍ଟାଲ୍ ରେଗୁଲେସନ୍ ଜୋନ୍) ଭାରତୀୟ ସମୁଦ୍ରତଟ ପାର୍ଶ୍ୱରେ ଚିହ୍ନିତ ଅଞ୍ଚଳ ଯେଉଁଠାରେ ପ୍ରକଳ୍ପ ବିକାଶକୁ ନିୟମାନୁଯାୟୀ ନିୟନ୍ତ୍ରଣ କରାଯାଇଥାଏ । ତଟ ନିୟନ୍ତ୍ରଣ ମଣ୍ଡଳ ମଧ୍ୟରେ ପ୍ରକଳ୍ପ ନିରୋଧ ମଣ୍ଡଳ (ନୋ-ଡେଭେଲପ୍‌ମେଣ୍ଟ ଜୋନ୍) ହେଉଛି ସେହି ଅଞ୍ଚଳ ଯେଉଁଠାରେ ଯେକୌଣସି ପ୍ରକଳ୍ପକୁ ନିଷେଧ କରାଯାଇଅଛି । ଉପରୋକ୍ତ ସମସ୍ୟା ଉକ୍ତି ପ୍ରକଳ୍ପର ଅବସ୍ଥିତି ଆଇନତଃ ନିଷେଧାଞ୍ଚଳରେ ଏବଂ ପ୍ରକଳ୍ପ ଦ୍ୱାରା କେଉଁ ଜନସମୂହ ବହୁଳଭାବେ ପ୍ରଭାବିତ ହେବେ ତାହା ଦର୍ଶାଉଛି ।

**ଆଇନସହାୟକମାନେ କାର୍ଯ୍ୟସିଦ୍ଧି ପାଇଁ ବା ତାଙ୍କର ଚେଷ୍ଟାକୁ ଫଳବତୀ କରିବା ପାଇଁ 'Chill factor' ବା ପାଞ୍ଚ ପରିମାପକ ବିଶିଷ୍ଟ ଏକ ଗୁଚ୍ଛର ଅବଧାରଣାରେ କେଉଁ ମାମଲାକୁ ହାତକୁ ନେବେ ତାହା ନିର୍ଦ୍ଧାରଣ କରିବା ଉଚିତ୍ ।**

## (Community Partners or Client) ସହାୟକ ଗୋଷ୍ଠୀ ବା ମହକିଲ

ମାମଲାରେ ସହାୟକ ଗୋଷ୍ଠୀ ବା ମହକିଲ ଥିବା ଉଚିତ୍ । ଏମାନେ ଏକ ସାର୍ବଜନୀନ ସମସ୍ୟା ଦ୍ୱାରା ପ୍ରପୀଡ଼ିତ ଜନସାଧାରଣଙ୍କର ଏକ ସମୂହ । ଏହି ସମୂହ ଆଇନସହାୟକଙ୍କର ସହ ମିଶି ସାମୁହିକ ଉଦ୍ୟମ ଦ୍ୱାରା ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ଆବଶ୍ୟକ ।

## (History) ଇତିହାସ

ମୁଖ୍ୟତଃ ସେହି ମାମଲାକୁ ଚୟନ କରାଯାଇଥାଏ ଯେଉଁଥିରେ ପ୍ରଭାବିତ ଜନସମୂହ ନିଜ ନିଜ ଭିତରେ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ଉପାୟ/ପନ୍ଥା ନିର୍ଣ୍ଣୟ କରିଥାନ୍ତି । ଏହା ବେସରକାରୀ ଅନୁଷ୍ଠାନ, ଅଦାଲତ କିମ୍ବା ଅନ୍ୟ କୌଣସି ଉପାୟ/ପନ୍ଥା ସାହାଯ୍ୟରେ ହୋଇଥାଇପାରେ । ଏହାର ବ୍ୟତିକ୍ରମ ଜରୁରୀ ପରିସ୍ଥିତି, ଦୁର୍ବିପାକ କିମ୍ବା ନିର୍ଦ୍ଦିଷ୍ଟଭାବେ ଜଟିଳ କିମ୍ବା ଅସ୍ୱାଭାବିକ ମାମଲା କ୍ଷେତ୍ରରେ କରାଯାଇପାରେ ।

## (Impact) ପ୍ରଭାବ

ଯେଉଁ ମାମଲା / ଘଟଣାରେ ବହୁଳ ସଂଖ୍ୟାରେ ଜନସାଧାରଣ ପ୍ରଭାବିତ ହୁଅନ୍ତି କିମ୍ବା ଲାଭ ପାଇପାରିବାର ସମ୍ଭାବନା ଥାଏ ତାହାକୁ ଅଗ୍ରାଧିକାର ଦିଆଯାଏ ।


## (Location) ଅବସ୍ଥିତି

ମାମଲା / ଘଟଣାଟି ଏପରି ଚୟନ କରାଯାଇଥାଏ ଯେପରି ଏହା ଆଇନସହାୟକ ରହୁଥିବା ସ୍ଥାନର ପାଖାପାଖି ବା ସେଅଞ୍ଚଳର ହୋଇଥିବ ଯାହା ଫଳରେ ସେ ପ୍ରଭାବିତ ଜନସମୂହ ସହ ଯୋଗାଯୋଗ କରିପାରିବେ, କ୍ଷେତ୍ର ପରିଦର୍ଶନ କରିପାରିବେ ଏବଂ ସଭା ସମିତି କରିପାରିବେ ।

## (Legal Hook) ଆଇନର ଫାଶ

ସେହିପରି ମାମଲା ଯେଉଁଥିରେ ଏକ ସ୍ପଷ୍ଟ ଆଇନର ଫାଶ (ଯଥା; ଯାହା ଆଇନର ଉଲଙ୍ଘନ କିମ୍ବା ଆଦେଶ ଅବମାନନା, ପ୍ରଶାସନ ଦ୍ୱାରା ପ୍ରତିଷ୍ଠିତ ପଦ୍ଧତି କିମ୍ବା ଅଦାଲତ ଆଦେଶ ଅବମାନନା ଯୋଗୁଁ ସଂଘଟିତ ହୋଇଥିବ) ମାମଲାକୁ ସମାଧାନ କରିବାରେ ସନ୍ନିବେଶିତ ସେହିପରି ମାମଲାକୁ ଅନ୍ୟାନ୍ୟ ମାମଲା ଯେଉଁଥିରେ କୌଣସି ଆଇନର ଧାରା ପ୍ରତ୍ୟକ୍ଷ ଭାବରେ ସହାୟକ ହୋଇନଥିବ ତା ତୁଳନାରେ ଅଗ୍ରାଧିକାର ଦିଆଯାଏ । ପରନ୍ତୁ, ଅନ୍ୟ କେତେକ କ୍ଷେତ୍ରରେ ସେହି ମାମଲା ଯେଉଁଥିରେ ଆଇନର ଫାଶ ସ୍ପଷ୍ଟ ରୂପେ ପରିଦୃଷ୍ଟ ନୁହେଁ ତାକୁ ଗୁରୁତ୍ୱ ପ୍ରଦାନ କରାଯାଇଥାଏ, ଯଦି  ଏହା ମାଧ୍ୟମରେ ତଥ୍ୟ ପ୍ରମାଣ ସଂଗ୍ରହ କରି ଏକ ନୂତନ ଆଇନ/ଆଇନର ଧାରା ପ୍ରବର୍ତ୍ତନ ପାଇଁ ସୁପାରିଶ କରିବା କିମ୍ବା ପ୍ରଚଳିତ ଧାରାର ସଂଶୋଧନ କରିବା ଲକ୍ଷ୍ୟରୂପେ ଗ୍ରହଣ କରାଯାଇଥାଏ ।





# 3.2 ମାମଲାର ନଥିକରଣ

ଆଇନସହାୟକଙ୍କର କାର୍ଯ୍ୟରେ ପ୍ରତ୍ୟେକ ମାମଲାର ନଥିକରଣ କରିବା ଏକ ପ୍ରମୁଖ ଦିଗ । ପ୍ରତ୍ୟେକ ମାମଲା ପାଇଁ  ଟ୍ରାକିଙ୍ଗ୍ ଫର୍ମ ଥାଏ ଯେଉଁଥିରେ/ଯାହା ସାହାଯ୍ୟରେ ଆଇନସହାୟକ ମାମଲା ଓ  ପଦକ୍ଷେପର ନଥିକରଣ କରିଥାନ୍ତି । ନିଆଯାଇଥିବା ପଦକ୍ଷେପର ସବିଶେଷ ବିବରଣୀ  ଓ ଏହାର ଯଥାର୍ଥତା ଟ୍ରାକିଙ୍ଗ୍ ଫର୍ମର  ଶେଷଭାଗରେ ଦିଆଯାଇଥିବା ଆକ୍ସନ ଲଗ୍‌ରେ ଲିପିବଦ୍ଧ କରାଯାଏ ।  ମାମଲାର ସମାଧାନ ପାଇଁ ନିଆଯାଉଥିବା ପ୍ରତ୍ୟେକ ପଦକ୍ଷେପ ସମୟରେ ଟ୍ରାକିଙ୍ଗ୍ ଫର୍ମ ଓ ଆକ୍ସନ ଲଗ୍‌କୁ ଅପ୍‌ଡେଟ୍ କରାଯାଏ । ପ୍ରତ୍ୟେକ ପଦକ୍ଷେପର ଫଳାଫଳକୁ ମଧ୍ୟ ଲିପିବଦ୍ଧ କରାଯାଏ ।

ପ୍ରକୃତରେ କୌଣସି ମାମଲା ସମ୍ବନ୍ଧୀୟ ପଦକ୍ଷେପ ନେବା ଏବଂ ଏହାକୁ ଟ୍ରାକିଙ୍ଗ୍ ଫର୍ମ ଏବଂ ଆକ୍ସନ ଲଗ୍‌ରେ ଲିପିବଦ୍ଧ କରିବା ମଧ୍ୟରେ ଗୋଟିଏ ଦିନର ବ୍ୟବଧାନଠାରୁ ଅଧିକ ବ୍ୟବଧାନ ରହିବା ଉଚିତ୍ ନୁହେଁ । ମାମଲାଟିର ଚୟନ ହେବାଠାରୁ ଏହା ସମାପ୍ତ ହେବା ପର୍ଯ୍ୟନ୍ତ ମାମଲାର ନଥିକରଣ ହେବା ଉଚିତ୍ । ଯେହେତୁ ଏହା  ଗୁରୁତ୍ୱପୂର୍ଣ୍ଣ, ଆଇନସହାୟକମାନେ ଏହା କରିବା ପାଇଁ ନିର୍ଦ୍ଦିଷ୍ଟଭାବେ ତାଙ୍କର କାର୍ଯ୍ୟ ସମୟର ନିର୍ଦ୍ଦିଷ୍ଟ ସମୟ ଯଥେଷ୍ଟ ମାତ୍ରାରେ ଏଥିପାଇଁ ଧାର୍ଯ୍ୟ କରିବା ଉଚିତ୍ ।

# ଟ୍ରାକିଙ୍ଗ୍ ଫର୍ମ

ଟ୍ରାକିଙ୍ଗ୍ ଫର୍ମ ପ୍ରଭାବିତ ଜନସମୂହ, ସମସ୍ୟାର ଚିକିନିଖି ବିବରଣୀ, ସହାୟକ ଗୋଷ୍ଠୀ କିମ୍ବା ମହକିଲ, ମାମଲା ବାବଦରେ ଗ୍ରହଣ କରାଯାଇଥିବା ସମସ୍ତ ପଦକ୍ଷେପ ବା ଆଇନସହାୟକ ଏବଂ ସହାୟକ ଗୋଷ୍ଠୀ କିମ୍ବା ମହକିଲ ସମସ୍ୟା ପ୍ରତିକାର/ସମାଧାନ ପାଇଁ ନେଇଥିବା ସମସ୍ତ ପଦକ୍ଷେପକୁ ଲିପିବଦ୍ଧ କରିବାରେ ସାହାଯ୍ୟ କରିଥାଏ। ଏହିସବୁ ପଦକ୍ଷେପ ପାଇଁ ସଂପୃକ୍ତ ପ୍ରତିଷ୍ଠାନଠାରୁ କିପ୍ରକାର ପ୍ରତ୍ୟୁତ୍ତର ମିଳିଛି ଏବଂ ଏହାର ପରବର୍ତ୍ତୀ ପଦକ୍ଷେପ ବାବଦରେ ଏଥିରେ ଉଲ୍ଲେଖ ଥାଏ।

## ଟ୍ରାକିଙ୍ଗ୍ ଫର୍ମ ନିମ୍ନଲିଖିତ ଉଦ୍ଦେଶ୍ୟ ସାଧନ କରିଥାଏ

1. ଯଦି ଏହାକୁ ଠିକ୍‌ରୂପେ ପୂରଣ କରାଯାଇଥାଏ ତେବେ କେସ୍ ଟ୍ରାକିଙ୍ଗ୍ ଫର୍ମ ମାମଲାଟିର ଚୟନ ଏବଂ ସମାଧାନର ପ୍ରକ୍ରିୟାର ପର୍ଯ୍ୟାୟ ଅନୁଯାୟୀ ସୂଚନା ପ୍ରଦାନ କରିଥାଏ।


2. ଏହା ଆଇନସହାୟକମାନଙ୍କୁ ମାମଲା ସମାଧାନ ପାଇଁ ଅନୁସରଣୀୟ ପଥ ବା ପଦକ୍ଷେପର ପ୍ରଥମ ପସନ୍ଦ ବାବଦରେ ଅବଗତ କରିଥାଏ।

3. ମାମଲାଟି ସମାପ୍ତ ହେବା ସମୟରେ କେସ୍ ଟ୍ରାକିଙ୍ଗ୍ ଫର୍ମ ଆଇନସହାୟକଙ୍କୁ ତାଙ୍କର କାର୍ଯ୍ୟ/ପଦକ୍ଷେପ ଏବଂ ମାମଲା ସମାଧାନ ପାଇଁ ଅବଲମ୍ବନ କରିଥିବା ଉପାୟ ଉପରେ ପ୍ରତିଫଳନ କରିବାରେ ସାହାଯ୍ୟ କରିଥାଏ ।

4. ଆଇନସହାୟକଙ୍କ ଦ୍ୱାରା ହୋଇଥିବା ମାମଲା ସମ୍ବନ୍ଧୀୟ କାର୍ଯ୍ୟର ମୂଲ୍ୟାଙ୍କନ ଏବଂ ଏହାକୁ କିପରି ଭଲ ଭାବରେ ସମ୍ପାଦନ କରାଯାଇପାରିବ ତାହାକୁ ନିରନ୍ତର ଭାବେ ଶିଖିବା ପାଇଁ ଟ୍ରାକିଙ୍ଗ୍ ଫର୍ମ ଏକ ଆଧାର / ଭିତ୍ତିରୂପେ କାମ କରେ।

5. ମାମଲା ସନ୍ଦର୍ଭରେ ଏହା ସୂଚନାର ଗନ୍ତାଘର ଯାହା ଆଇନ ସମ୍ପର୍କୀତ ଭିନ୍ନ ଭିନ୍ନ ନୀତିନିୟମର ବାର୍ତ୍ତା ଏହାର କାର୍ଯ୍ୟକାରୀତା, ଫଳାଫଳ ଓ ତତ୍‌ସହିତ ଜନସମୂହ ଉପରେ ଏହାର ପ୍ରଭାବ ଏବଂ ସେମାନଙ୍କର ପାଇଁ ଅତି ଦରକାରୀ ପ୍ରତିକାର ବିଷୟରେ ତଥ୍ୟ ପ୍ରମାଣ ପ୍ରସ୍ତୁତ କରିବାରେ ସାହାଯ୍ୟ କରେ।







କେସ୍ ଟ୍ରାକିଙ୍ଗ୍ ଫର୍ମ ଏପରି ଏକ ଦଲିଲ୍ ଯାହା ଗୋଟିଏ ମାମଲାର ଚୟନ ଓ ସମାଧାନ ପାଇଁ ଆବଶ୍ୟକ ସମସ୍ତ ସୂଚନା ବହନ କରେ। କେସ୍ ଟ୍ରାକିଙ୍ଗ୍ ଫର୍ମର ସମ୍ପୂର୍ଣ୍ଣ ଫର୍ମାଟ୍ https://namati.org/resources/case-form-environmental-justice-india/ ୱେବ୍‌ସାଇଟ୍‌ରୁ ଡ଼ାଉନ୍‌ଲୋଡ୍ କରାଯାଇପାରିବ।

## ଏହି ଫର୍ମାଟ୍‌କୁ ପରିପ୍ରେକ୍ଷୀ ଓ ମାମଲାର ପ୍ରକାରଭେଦ ଆଧାରରେ ବଦଳାଯାଇପାରେ ଆଇନସହାୟକଙ୍କର ଆକ୍ସନ ଲଗ୍

ପ୍ରତ୍ୟେକ ଥର ମାମଲା ସଂକ୍ରାନ୍ତରେ କୌଣସି ପଦକ୍ଷେପ ନିଆଯିବାପରେ ଆଇନସହାୟକ ଆକ୍ସନ୍ ଲଗ୍‌କୁ ପୂରଣ କରିଥାନ୍ତି। ଆକ୍ସନ୍ ଲଗ୍‌କୁ ଯେତେଦୂର ସମ୍ଭବ ଟିକିନିଖି ତଥ୍ୟ/ସୂଚନା ସହ ଏବଂ ସମୟ/ତାରିଖ କ୍ରମରେ ପୂରଣ କରିବା ସର୍ବୋତ୍କୃଷ୍ଟ । ଦଲିଲ୍ ସଂଗ୍ରହ, କୌଣସି ଅଧିକାରୀଙ୍କ ସହ ଦେଖାକରିବା/ଆଲୋଚନା କିମ୍ବା କୌଣସି କମିଟି ସହ ଆଲୋଚନା, ସୂଚନା ଅଧିକାର ଆଇନ ଅଧିନରେ ଦରଖାସ୍ତ ପ୍ରଦାନ ଇତ୍ୟାଦି ପଦକ୍ଷେପ/କାର୍ଯ୍ୟ ଲିପିବଦ୍ଧ କରାଯାଉଥିବା ପଦକ୍ଷେପର ଅନ୍ତର୍ଭୁକ୍ତ (ସରକାରୀ ନଥିପତ୍ର, ଦଲିଲ୍‌ରେ ଥିବା ସୂଚନା ନାଗରିକ ପାଇବା ପାଇଁ ଭିନ୍ନଭିନ୍ନ ଦେଶରେ ଭିନ୍ନ ଭିନ୍ନ ଆଇନ ଅଛି। ଭାରତରେ ନାଗରିକର ସୂଚନା ପାଇବାର ଅଧିକାରକୁ ସୂଚନା ଅଧିକାର ଆଇନ, ୨୦୦୫ ନାମରେ ନାମିତ କରାଯାଇଅଛି)। ପଦକ୍ଷେପ/କାର୍ଯ୍ୟକୁ ଲିପିବଦ୍ଧ କରିବା ସହିତ ଅଧିକାରୀଙ୍କ ସହ ସାକ୍ଷାତର ବିବରଣୀର ନକଲ, ଆର୍‌ଟିଆଇ ଆବେଦନର ନକଲ ଏବଂ ଏହାର ଉତ୍ତର ଆକ୍ସନ ଲଗ୍ ସହ ସଂଶ୍ଳିଷ୍ଟ କରାଯିବା ଉଚିତ୍। ଏହା ମାମଲା ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରମାଣ ଗୋଟିଏ ସ୍ଥାନରେ ଯେକୌଣସି ସମୟରେ ପରାମର୍ଶ କରିବାପାଇଁ ଉପଲବ୍ଧତାକୁ ସୁନିଶ୍ଚିତ କରିବା।



ଗୁଜୁରାଟର ଜଣେ ଆଇନସହାୟକଙ୍କର ଦ୍ୱାରା ପ୍ରସ୍ତୁତ ଦିନ ପ୍ରତିଦିନର ଅକ୍ସନ ଲଗ୍





ଆଇନସହାୟକ ଦଳକୁ ପଦ୍ଧତିଗତ/ସୁଶୃଙ୍ଖଳ ନଥିକରଣ ମାମଲା ଓ ଏହାଦ୍ୱାରା ଲାଭ କରାଯାଇଥିବା ଶିକ୍ଷାକୁ ଆବଶ୍ୟକ ସ୍ଥଳେ ଉପସ୍ଥାପନରେ ସାହାଯ୍ୟ କରେ

## ମାମଲା ଦାଖଲ

ପ୍ରତ୍ୟେକ ମାମଲା ବାବଦରେ ଆଇନସହାୟକ ତତ୍‌ସମ୍ପର୍କୀତ କେସ୍ ଟ୍ରାକିଙ୍ଗ୍ ଫର୍ମ, ଆକ୍ସନ ଲଗ୍ ନିଆଯାଇଥିବା ସମସ୍ତ ପଦକ୍ଷେପର ସାକ୍ଷ୍ୟ ବହନ କରୁଥିବା ସମସ୍ତ ଦଲିଲ୍ ଓ ଅନ୍ୟାନ୍ୟ ସହାୟକ ଦଲିଲ୍ ରଖିବା ପାଇଁ ଏକ ଫାଇଲ୍ ପ୍ରସ୍ତୁତ କରନ୍ତି। ମାମଲାର ଅଗ୍ରଗତି ସହ ମାମଲା ପାଇଁ ନିଆଯାଇଥିବା ସମସ୍ତ ପଦକ୍ଷେପକୁ ବୁଝିବାଲାଗି ଏହି ଫାଇଲ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।


**! ସାବଧାନ**

ଯେଉଁ କ୍ଷେତ୍ରରେ ସୂଚନା ସମ୍ବେଦନଶୀଳ ଏବଂ ନାମ କିମ୍ବା ଅନ୍ୟାନ୍ୟ ବିଶେଷ ତଥ୍ୟର ପ୍ରକାଶନ ବିପଦପୂର୍ଣ୍ଣ ମନେହୁଏ ସେ କ୍ଷେତ୍ରରେ ସୂଚନାକୁ କୋଡ଼ିଙ୍ଗ କିମ୍ବା କେସ୍ ଫର୍ମରୁ ନାମ ହଟାଇଦେବା ପାଇଁ ପଦକ୍ଷେପ ନିଆଯାଇଥାଏ।

ଯଦି ଏପରି କିଛି ସୂଚନା ଥାଏ ଯାହାକୁ ଲିପିବଦ୍ଧ କରିବା ପାଇଁ ଟ୍ରାକିଙ୍ଗ୍ ଫର୍ମରେ କୌଣସି ବ୍ୟବସ୍ଥା ନଥାଏ ତେବେ ଆଇନସହାୟକ ଫର୍ମ ସହ କାଗଜ ଫର୍ଦ୍ଦ ଯୋଡ଼ି ସେଥିରେ ସୂଚନା ଲିପିବଦ୍ଧ କରିପାରିବେ।

ଆଇନସହାୟକ ଯେତେ ସମ୍ଭବ ସେତେ ଅଧିକ ସୂଚନା ପ୍ରାସଙ୍ଗିକ ଦଲିଲ୍ ରୂପରେ ଯଥା; ପ୍ରଭାବିତ ଜନସମୂହଙ୍କର ଦ୍ୱାରା ଦିଆଯାଇଥିବା ପୁରୁଣା ଲିଖିତ ପ୍ରାର୍ଥନା ଏବଂ ଅଭିଯୋଗ, ଖବରକାଗଜ ରିପୋର୍ଟ, ଅନୁମତିର ପ୍ରମାଣ, ବେଦଖଲ ନୋଟିସ୍ କିମ୍ବା ଅନୁମତିର ଖାରଜ ଏବଂ ଅଦାଲତ ନିର୍ଦ୍ଦେଶ ସଂଗ୍ରହ କରିବା ଉଚିତ୍। ଦଲିଲ୍ ଗୁଡ଼ିକର ନକଲ ରଖି ମୂଳ ଦଲିଲ୍‌କୁ ଏହାର ସତ୍ତ୍ୱାଧିକାରୀଙ୍କୁ ଫେରାଇଦେବା ଭଲ। ଏହି ଦଲିଲ୍ ଗୁଡ଼ିକର ନକଲ କେସ୍ ଟ୍ରାକିଙ୍ଗ୍ ଫର୍ମ ସହ ରଖାଯିବା ଉଚିତ୍।

କୌଣସି ପ୍ରଶ୍ନ କିମ୍ବା ସୂଚନା ପ୍ରଦାନ ପାଇଁ ରଖାଯାଇଥିବା ସ୍ଥାନ କେସ୍ ଫର୍ମରେ ଖାଲି ରଖାଯିବା ଉଚିତ୍ ନୁହେଁ। ଯଦି କୌଣସି ପ୍ରଶ୍ନର ମାମଲା/ଘଟଣା ପରିପ୍ରେକ୍ଷୀରେ ପ୍ରାସଙ୍ଗିକତା ନଥାଏ ତେବେ ଏହା ଉଲ୍ଲେଖ କରାଯିବା ଉଚିତ୍, କିନ୍ତୁ ଏହାକୁ ଖାଲି ଛଡ଼ାଯିବା ଠିକ୍ ନୁହେଁ। ଯଦି ଉତ୍ତର ଜଣାନଥାଏ ତେବେ "କହିପାରିବି ନାହିଁ" କିମ୍ବା "ଜଣାନାହିଁ" ଉଲ୍ଲେଖ କରାଯିବା ଉଚିତ୍।



# 3.3 ମାମଲାର ବିଶ୍ଳେଷଣ ଓ ପଦକ୍ଷେପ

ଅନୁସନ୍ଧାନ ଓ ପ୍ରାସଙ୍ଗିକ ସୂଚନା ସଂଗ୍ରହ ଦ୍ୱାରା ଆଇନସହାୟକ ମାମଲାର ଏକ ନିରପେକ୍ଷ ବାସ୍ତବିକ ବୁଝାମଣା ସୃଷ୍ଟି କରନ୍ତି । ସମସ୍ୟା ଦେଖାଦେଇଥିବା ଅଞ୍ଚଳକୁ ବାରମ୍ବାର କ୍ଷେତ୍ର ପରିଦର୍ଶନ, ପରିସ୍ଥିତି କିମ୍ବା ସମସ୍ୟା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଜାଣିଥିବା ବ୍ୟକ୍ତି ଓ ଗୋଷ୍ଠୀମାନଙ୍କର ସହ ଆଲୋଚନା, ଆଞ୍ଚଳିକ ସମ୍ବାଦପତ୍ର ଓ ଟେଲିଭିଜନର ରିପୋର୍ଟ ବିଶ୍ଳେଷଣ ଏବଂ ପ୍ରାସଙ୍ଗିକ ଆଇନ ଓ ନୀତିନିୟମର ପଠନ ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ ।

କେତେକ  ମାମଲାରେ ଏହି ପର୍ଯ୍ୟାୟରେ  ଅଧିକ ସୂଚନାର ଉପଲବ୍ଧତା ହେତୁ  ସମସ୍ୟା ଉକ୍ତି/ ବକ୍ତବ୍ୟକୁ ସଂଶୋଧନ କରିବାର ଆବଶ୍ୟକତା ସୃଷ୍ଟି ହୋଇଥାଏ । ସମସ୍ୟା ଉକ୍ତି/ବକ୍ତବ୍ୟର ପୁର୍ନବିଚାର ଓ ସଂଶୋଧନ ନୂତନ ସୂଚନାର ଆଧାରରେ କରିବା ଗୋଟିଏ ଭଲ ଅଭ୍ୟାସ ଏବଂ ଏହାକୁ ଆଇନସହାୟକ କିମ୍ବା ସହାୟକ ଗୋଷ୍ଠୀ/ମହକିଲଙ୍କର ବିଫଳତା ବୋଲି କୌଣସିମତେ ବିଚାର କରାଯିବା ଉଚିତ୍ ନୁହେଁ। ସମସ୍ତ ସଂଗୃହୀତ ସୂଚନାକୁ ଦୃଷ୍ଟିରେ ରଖି ଆଇନସହାୟକ ରଣକୌଶଳ ନିରୂପଣ କରନ୍ତି ଓ କେଉଁ ପ୍ରତିଷ୍ଠାନକୁ ମାମଲାର ପ୍ରତିକାର ପାଇଁ ଆବେଦନ କରାଯିବ ତାହା ସ୍ଥିର କରନ୍ତି ।

## ମାମଲାର ବିଶ୍ଳେଷଣ

### ତଟ ନିୟନ୍ତ୍ରଣ ମଣ୍ଡଳରେ (କୋଷ୍ଟାଲ ରେଗୁଲେସନ୍ ଜୋନ୍) କ୍ଷତିକାରକ ରାସାୟନିକ ପଦାର୍ଥର ସଂରକ୍ଷଣ

ଏଠାରେ ପୂର୍ବରୁ ବର୍ଣ୍ଣନା କରାଯାଇଥିବା ମାମଲାର ଆଲୋଚ଼ନା କରାଯାଉଅଛି। ଆଇନସହାୟକ ସାକ୍ଷାତ ଆଲୋଚନା ମାଧ୍ୟମରେ ଜାଣିବାକୁ ପାଇଲେ ଯେ ରାସାୟନିକ ପଦାର୍ଥର କାରଖାନାଟି ତଟ ନିୟନ୍ତ୍ରଣ ମଣ୍ଡଳରେ ଅବସ୍ଥିତ ଏବଂ ଏହା ସେଅଞ୍ଚଳର ଜନସାଧାରଣଙ୍କୁ ପ୍ରଭାବିତ କରୁଛି। କ୍ଷେତ୍ର ପରିଦର୍ଶନରେ ଯାଇ ସେ ଦେଖିଲେ ଯେ କାରଖାନା ନିଟକରେ ଏକ ବିଦ୍ୟାଳୟ ଅଛି ଏବଂ ଏହା ମିଥା ବନ୍ଦର ବାସିନ୍ଦାଙ୍କ ସହ ପିଲାମାନଙ୍କର ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ଏହା କାରଖାନାର କୁପ୍ରଭାବ ଯଥେଷ୍ଟ ମାତ୍ରାରେ ବଢ଼ାଉଥିବାର ସୂଚ଼ନା ପ୍ରଦାନ କଲା। ସେ ଆହୁରି ମଧ୍ୟ ଜାଣିବାକୁ ପାଇଲେ ଯେ ଅଞ୍ଚଳ ବାସିନ୍ଦା ଏ ବାବଦରେ ଜିଲ୍ଲା କଲେକ୍ଟରଙ୍କୁ ଜଣାଇଛନ୍ତି ।

ପ୍ରକଳ୍ପ ବାବଦରେ ସୂଚ଼ନା ସଂଗ୍ରହ ମାଧ୍ୟମରେ ମାମଲାର ଗୋଟିଏ ନିର୍ଣ୍ଣୟକାରୀ ସୂତ୍ର/ପ୍ରମାଣ ସାମ୍ନାକୁ ଆସିଲା। ଆଇନସହାୟକ ପରିବେଶ ମଞ୍ଜୁରୀ ପତ୍ରକୁ ଦେଖିଲାପରେ ଜାଣିବାକୁ ପାଇଲେ ଯେ ପ୍ରକଳ୍ପର ଅବସ୍ଥିତି ସମ୍ପର୍କରେ ପ୍ରକଳ୍ପ ଆବେଦନ ଓ ମଞ୍ଜୁରୀ ପତ୍ରରେ ଦର୍ଶାଯାଇଥିବା ସ୍ଥାନ ଓ ଯେଉଁ ସ୍ଥାନରେ ପ୍ରକଳ୍ପ ନିର୍ମାଣ ହୋଇଛି ତାହା ଅଲଗା। ଏଣୁ ଏବେ ମାମଲାର ବିଷୟବସ୍ତୁ କେବଳ ତଟ ନିୟନ୍ତ୍ରଣ ମଣ୍ଡଳ ଆଇନ ଉଲଙ୍ଘନ ନୁହେଁ ଏହା ମଧ୍ୟ ଭୁଲ୍ ସୂଚ଼ନା ପ୍ରଦାନ କରାଯାଇ ପ୍ରକଳ୍ପ ପରିବେଶ ମଞ୍ଜୁରୀ ହାସଲ କରାଯାଇଥିବା ସଂକ୍ରାନ୍ତୀୟ ମାମଲାରେ ପରିଣତ ହେଲା।



ଗୁଜୁରାଟରେ ସିଆର୍‌ଜେଡ୍ ଆଇନ ଉଲଙ୍ଘନ କରି ନୋ-ଡ଼େଭେଲପ୍‌ମେଣ୍ଟ ଜୋନ୍‌ରେ ଅବସ୍ଥିତ ରାସାୟନିକ ପଦାର୍ଥ ସଂରକ୍ଷଣ କାରଖାନା



ଜଣେ ଆଇନସହାୟକ ଗୁଜୁରାଟରେ କୋଇଲା କାରକାନା ଯୋଗୁଁ ପରିବା  ଫାର୍ମ ଉପରେ ଧୂଳିର ପ୍ରଭାବକୁ ଅନୁସନ୍ଧାନ କରୁଛନ୍ତି


ମାମଲାର ସମାଧାନ ପାଇଁ ଆଇନସହାୟକମାନେ ଅନେକ କୌଶଳ/ଉପାୟ ଅବଲମ୍ବନ କରିପାରିବେ ଏବଂ ଗୋଟିଏ ମାମଲାରେ ମଧ୍ୟ ଗୋଟିଏରୁ ଅଧିକ କୌଶଳ/ଉପାୟ ଅବଲମ୍ବନ କରିପାରିବେ । ମାମଲାର ପରିପ୍ରେକ୍ଷୀରେ ଯାଞ୍ଚ ଦ୍ୱାରା ଜ୍ଞାତସାରକୁ ଅଣାଯାଇଥିବା ତଥ୍ୟ, ବିଜ୍ଞପ୍ତି, ସରକାରୀ ଆଦେଶନାମା ଏବଂ ଅଦାଲତ ନିଷ୍ପତ୍ତି/ନିର୍ଦ୍ଦେଶ କୌଶଳ ମଧ୍ୟରେ ଅନ୍ତର୍ଭୁକ୍ତ । ମାମଲାଟିର  ବୈଶିଷ୍ଟ୍ୟ ଅନୁଯାୟୀ ଆଇନସହାୟକମାନେ ସହାୟକଗୋଷ୍ଠୀ / ମହକିଲମାନଙ୍କୁ  ଆଇନ, ଅଦାଲତ ପ୍ରକ୍ରିୟା ଏବଂ ସମସ୍ୟାକୁ ପରିଚାଳନା କରିବା ପାଇଁ  ଉପଲବ୍ଧ ଉପାୟ ବାବଦରେ ପରାମର୍ଶ ଦେଇପାରିବା ପାଇଁ ତାଲିମ ପାଇଥାନ୍ତି । ଆଇନସହାୟକମାନେ ସହାୟକଗୋଷ୍ଠୀ/ମହକିଲମାନଙ୍କର ସହ ମାମଲା ପାଇଁ ପ୍ରଯୁଜ୍ୟ ଆଇନ, କେଉଁ ପ୍ରତିଷ୍ଠାନକୁ ଯୋଗାଯୋଗ କରାଯାଇପାରିବ ଓ ସମସ୍ୟାର ସମାଧାନ ପାଇଁ ଉପାୟ ବିଷୟରେ ଆଲୋଚନା କରିଥାନ୍ତି ।

ଏହି ଆଲୋଚନା ପରେ ସେମାନେ ମିଳିତଭାବେ ମାମଲାଟିର ସର୍ବସାଧାରଣ ଦ୍ୱାରା ଅପେକ୍ଷିତ ଫଳାଫଳ ପାଇଁ ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିଥାନ୍ତି  । ଏହି କାର୍ଯ୍ୟ ଖସଡ଼ାରେ ଅନେକ ଗୁଡ଼ିକ ସହଯୋଗୀ ଉପାୟ/ପନ୍ଥା ସମ୍ମିଳିତ ଯାହାକୁ ନିମ୍ନରେ ବର୍ଣ୍ଣନା କରାଯାଇଅଛି ।



# ଆଇନ ସମ୍ବନ୍ଧରେ ସଚେତନତା ସୃଷ୍ଟି

ନ୍ୟାୟିକ ସମସ୍ୟାର ମୂଳକାରଣ ନିରୂପଣ ଓ ଏହାର ସମ୍ବୋଧନ ଏବଂ ସମସ୍ୟାର ପ୍ରତିକାର ପାଇଁ ପ୍ରଭାବିତ ଜନସାଧାରଣଙ୍କର ପରିଜ୍ଞାତ ଭାଗିଦାରୀତା ସୃଷ୍ଟି କରିବାରେ ଆଇନ ସମ୍ବନ୍ଧୀୟ ତାଲିମ ବିଶେଷ ଉପଯୋଗୀ। ଅନ୍ୟାୟର ପ୍ରତିକାର ଓ ପ୍ରତିରୋଧ କରୁଥିବା ଆଇନ ବାବଦରେ ଜନଗୋଷ୍ଠୀମାନଙ୍କର ଜ୍ଞାନ ବଢ଼ାଇବା ନ୍ୟାୟିକ ସଶକ୍ତିକରଣର କେନ୍ଦ୍ର ବିନ୍ଦୁ। ଉଦାହରଣ ସ୍ୱରୂପ, କର୍ଣ୍ଣାଟକର ଉତ୍ତର କନ୍ନଡ ଅଞ୍ଚଳର ମତ୍ସ୍ୟଜୀବିମାନେ ସେଠାକାର ଆଇନସହାୟକମାନଙ୍କୁ ଭେଟକଲେ। ସେମାନେ ସମୁଦ୍ରତଟରେ ଗୃହ ନିର୍ମାଣ ପାଇଁ ଅନୁମତି ପାଇବା ପାଇଁ ଆଇନସହାୟକମାନଙ୍କର ସହାୟତା ଭିକ୍ଷାକଲେ। ପ୍ରଥମ ପାଞ୍ଚ ଛଅଟି ମାମଲାରେ ଆଇନସହାୟକମାନେ ସହାୟକ ଗୋଷ୍ଠୀ ବା ମହକିଲମାନଙ୍କୁ ସିଆର୍‌ଜେଡ୍ ମଞ୍ଜୁରୀ ପାଇଁ ଆବେଦନ ଦାଖଲରେ ସାହାଯ୍ୟ କଲେ। ଯେତେବେଳେ ସେମାନେ ଅନୁଭବ କଲେ ଯେ ଜନଗୋଷ୍ଠୀର ଅନେକ ସଦସ୍ୟ ସମାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବା ଭବିଷ୍ୟତରେ ହେବେ ସେତେବେଳେ ସେମାନେ ଆଇନ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନେଲେ। ଗୃହନିର୍ମାଣ ପାଇଁ ସିଆର୍‌ଜେଡ୍ ମଞ୍ଜୁରୀ ହାସଲ କରିବା ପଦ୍ଧତି ବାବଦରେ ମତ୍ସ୍ୟଜୀବିମାନଙ୍କର ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସେମାନେ ପାଠ୍ୟସାମଗ୍ରୀ ବଣ୍ଟନ କଲେ। ପଦ୍ଧତି ବାବଦରେ ଆଇନ ସଚେତନତା ବୃଦ୍ଧି ହେବା ସହ ଆଇନସହାୟକମାନଙ୍କୁ ଗୃହନିର୍ମାଣ ପାଇଁ ମଞ୍ଜୁରୀ ହାସଲ ସମ୍ବନ୍ଧୀୟ ମାମଲା ହାତକୁ ନେବାକୁ ପଡ଼ିଲାନାହିଁ। ଏହା ବଦଳରେ ସେମାନେ ଟେଲିଫୋନ୍ ଦ୍ୱାରା ସହାୟକ ଗୋଷ୍ଠୀ ବା ମହକିଲମାନଙ୍କୁ ପରାମର୍ଶ ଦେଲେ ଏବଂ ପାଠ୍ୟସାମଗ୍ରୀର କେଉଁ ଅଂଶ ପଢ଼ିବାକୁ ହେବ ତାହା ବତାଇଲେ। ମାମଲା ଜଟିଳ ହୋଇଥିଲେ ଆଇନସହାୟକମାନେ ସହାୟକ ଗୋଷ୍ଠୀ ବା ମହକିଲମାନଙ୍କର ସହ ସିଆର୍‌ଜେଡ୍ କାର୍ଯ୍ୟାଳୟକୁ ଗଲେ।



ଆଇନସହାୟକ ଆଇନ ବିଷୟରେ ବୁଝାଯାଇଥିବା ପଚାରପତ୍ର କାନ୍ଥରେ ଲଗାଉଛନ୍ତି, କର୍ଣ୍ଣାଟକ

# ସୂଚ଼ନା ସଂଗ୍ରହ ଓ ସାକ୍ଷ୍ୟପ୍ରମାଣ ପ୍ରସ୍ତୁତି

ମାମଲାକୁ ପରିଚାଳନା କରୁଥିବା ଆଇନସହାୟକମାନଙ୍କର ପାଇଁ ସୂଚ଼ନା ସଂଗ୍ରହ ଓ ସାକ୍ଷ୍ୟପ୍ରମାଣ ସୃଷ୍ଟି କରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଜଣେ ଆଇନସହାୟକ ଏବଂ ସହାୟକ ଗୋଷ୍ଠୀଙ୍କ ପାଖରେ ମାମଲାର ଟିକିନିଖି ସୂଚ଼ନା ଏବଂ ଆଇନ ଉଲଙ୍ଘନ/ ଅବମାନନାର ସାକ୍ଷ୍ୟପ୍ରମାଣ ଥିଲେ ତାଙ୍କୁ ସରକାରୀ ସଂସ୍ଥା, ତ୍ରୁଟି କରିଥିବା ପକ୍ଷ, ଗଣମାଧ୍ୟମ କିମ୍ବା ଜନଗୋଷ୍ଠୀ ଗୁରୁତ୍ୱ ପ୍ରଦାନ କରିଥାନ୍ତି। ସେମାନେ ଫଟୋ, ମାନଚିତ୍ର, ଗ୍ଲୋବାଲ ପୋଜିସନିଙ୍ଗ ସିଷ୍ଟମ୍ (ଜିପିଏସ୍), ସମତଳର ସ୍ଥିତି ନିର୍ଦ୍ଧାରିତ କରୁଥିବା ମାନଚିତ୍ର (କୋଅର୍ଡିନେଟ୍), ସରକାରୀ ଆଦେଶପତ୍ର, ସମ୍ବାଦପତ୍ର/ଟେଲିଭିଜନ୍ ରିପୋର୍ଟ ଏବଂ ଗବେଷଣା ଲବ୍ଧ/ସରକାରୀ ପ୍ରବନ୍ଧ/ ଅଧ୍ୟୟନ/ ରିପୋର୍ଟ ଇତ୍ୟାଦି ସାକ୍ଷ୍ୟପ୍ରମାଣ ସଂଗ୍ରହ କରିପାରନ୍ତି। ଏକ ନିର୍ଦ୍ଧିଷ୍ଟ ଆଇନର ଉଲଙ୍ଘନ ବା ଅବମାନନା ଯୋଗୁଁ କୁପ୍ରଭାବ ସୃଷ୍ଟି ହେଉଛି ବୋଲି ସଂଗ୍ରହ କରାଯାଇଥିବା ସାକ୍ଷ୍ୟପ୍ରମାଣ ପ୍ରତିଷ୍ଠିତ କରିବା ଆବଶ୍ୟକ। ଏହା ମଧ୍ୟରେ କାରଣଗତ ସମ୍ପର୍କକୁ ବର୍ଣ୍ଣନା କରିବା ଉଚିତ୍। କ୍ଷେତ୍ରସ୍ଥିତି ସତ୍ୟାପନ ପଦ୍ଧତି ଅବଲମ୍ବନରେ ପରିବେଶ ନ୍ୟାୟ ସମ୍ବନ୍ଧୀୟ ମାମଲା ପାଇଁ ସାକ୍ଷ୍ୟପ୍ରମାଣ ପ୍ରସ୍ତୁତ କରାଯାଇପାରେ।

**କେତେକ ମାମଲା / ଘଟଣାରେ ଯେଉଁ କ୍ଷେତ୍ରରେ କୁପ୍ରଭାବ କୌଣସି ଆଇନର ଉଲଙ୍ଘନ ବା ଅବମାନନା ପରିପ୍ରେକ୍ଷୀରେ ଦର୍ଶାଯାଇନପାରିବ ସେକ୍ଷେତ୍ରରେ କୁପ୍ରଭାବକୁ ଯେତେଦୂର ସମ୍ଭବ ହାନି ବା କ୍ଷତିର ସାକ୍ଷ୍ୟପ୍ରମାଣକୁ ବାସ୍ତବତଥ୍ୟର ସବିଶେଷ ବିବରଣୀ ସହ ଉପସ୍ଥାପନ କରିବା ଆବଶ୍ୟକ, ଯାହା ଫଳରେ ସଂପୃକ୍ତ ପ୍ରତିଷ୍ଠାନରେ ଅଭିଯୋଗ ଦାଖଲ କରାଯାଇପାରିବ।**



ଓଡ଼ିଶାର ଜଣେ ମହିଳା ନଦୀଶଯ୍ୟା ଉପରେ ଲୌହ ଖଣିରୁ ବାହାରୁଥିବା ତରଳ ପଦାର୍ଥର ପ୍ରଭାବ ଦେଖାଉଛନ୍ତି

*ସାକ୍ଷ୍ୟପ୍ରମାଣ ବାବଦରେ ଅଧିକ ସୂଚ଼ନା ପାଇଁ କ୍ଷେତ୍ର ସ୍ଥିତି ତଥ୍ୟ ସତ୍ୟାପନ ପଦ୍ଧତି ଇଣ୍ଟରନେଟ୍‌ରୁ ଡ଼ାଉନ୍‌ଲୋଡ୍ କରନ୍ତୁ।*

***ବିଶେଷ ଦ୍ରଷ୍ଟବ୍ୟ:** https://namati.org/wp-content/uploads/2016/06/Groundtruthing-methodology-note.pdf*





ଓଡ଼ିଶାର ଖଣି ପ୍ରଭାବିତ ଜନସାଧାରଣଙ୍କ ସହ ଆଇନସହାୟକ ଓ ସହାୟକ ଗୋଷ୍ଠୀ ଆଲୋଚନା କରୁଛନ୍ତି

# ବିଚାରାତ୍ମକ ଆଲୋଚନା

**ଆଇନସହାୟକ ପ୍ରଭାବିତ ଜନସମୂହଙ୍କର ପାଇଁ ନୁହେଁ ବରଂ ସେମାନଙ୍କର ସହ କାମ କରିଥାନ୍ତି। ସେମାନଙ୍କର ଲକ୍ଷ୍ୟ କେବଳ ମାତ୍ର ସମସ୍ୟାର ପ୍ରତିକାର/ ସମାଧାନ ନୁହେଁ, ତତ୍‌ସହିତ ଜନଗୋଷ୍ଠୀଙ୍କର ଆଇନ ସମ୍ବନ୍ଧୀୟ ଜ୍ଞାନର ବୃଦ୍ଧି ଓ ସେମାନଙ୍କର ସମସ୍ୟା ସମାଧାନ ଦକ୍ଷତାର ବୃଦ୍ଧି। ମାମଲାରେ ମିଳିତଭାବରେ କାମ କରିବା ଦ୍ୱାରା ଜ୍ଞାନ ହାସଲ ହୋଇଥାଏ। ବିଚାରାତ୍ମକ ପ୍ରକ୍ରିୟା ମାଧ୍ୟମରେ ଯେ କୌଣସି ମାମଲାର ଆଲୋଚନା କରାଯାଇ ପଦକ୍ଷେପ ନିଆଯାଇଥାଏ, ଯାହା ଫଳରେ ବିଚାର ଆଲୋଚନା ମାମଲାର ଅଗ୍ରଗତି କିପରି କରାଯାଇପାରିବ ସେ ବାବଦରେ ନିଷ୍ପତ୍ତି ଗ୍ରହଣରେ ସହାୟକ ହୁଏ।**

ଫଳପ୍ରଦ ଓ ପ୍ରାସଙ୍ଗିକ ବିଚାର ଆଲୋଚନା ନିମନ୍ତେ ଆଇନସହାୟକ, ସହାୟକ ଗୋଷ୍ଠୀ ବା ମହକିଲଙ୍କୁ ମାମଲା ବାବଦରେ ସମସ୍ତ ଆବଶ୍ୟକୀୟ ପୃଷ୍ଠଭୂମିର ସୂଚନା, ସମସ୍ତ ନୂତନ ସୂଚ଼ନା ଯାହା ସେ ସଂଗ୍ରହ କରିଛନ୍ତି ଓ ଭିନ୍ନ ଭିନ୍ନ ପ୍ରତିକାରର ପ୍ରଚ୍ଛନ୍ନ ପ୍ରଥ ସମ୍ପର୍କୀୟ ସୂଚ଼ନା ଯୋଗାଇଥାନ୍ତି। ମହକିଲ ଗୋଷ୍ଠୀ ବା ସହାୟକ ଗୋଷ୍ଠୀ ତାଙ୍କ ପାଖରେ ଉପସ୍ଥାପନ କରାଯାଇଥିବା ସମସ୍ତ ସୂଚନାର ବିଚାର ଆଲୋଚ଼ନା କରି ଭିନ୍ନ ଭିନ୍ନ ପଦକ୍ଷେପର ଭଲମନ୍ଦ ଆଲୋଚନା କରନ୍ତି। ଏହି ବିଚାର ଆଲୋଚନା ଏକ ନିରପେକ୍ଷ ସ୍ଥାନରେ ଏପରି ପ୍ରକ୍ରିୟା ଅବଲମ୍ବନରେ କରାଯାଏ ଯାହା ଫଳରେ ସମସ୍ୟା ଦ୍ୱାରା ପ୍ରଭାବିତ ସମସ୍ତ ଜନସାଧାରଣ ନହେଲେ ମଧ୍ୟ ଅଧିକାଂଶ ଏଥିରେ ଭାଗ ନେଇପାରନ୍ତି। ଗୋଷ୍ଠୀ ମଧ୍ୟରେ ଜଣେ ବ୍ୟକ୍ତିଙ୍କର ଦୀର୍ଘ ଭାଷଣ, ଆଦେଶ କିମ୍ବା ମନୋରମ ଓ ଆଳଙ୍କାରିକ ପ୍ରକାଶଭଙ୍ଗୀ ବଦଳରେ ଆନୁଷ୍ଠାନିକ ଆଲୋଚନା ଏବଂ ବିଚାର ପ୍ରସୂତ ତର୍କକୁ ଏଥିରେ ପ୍ରୋତ୍ସାହନ ଦିଆଯାଏ। ଜନଗୋଷ୍ଠୀର ଜ୍ଞାନବୃଦ୍ଧି ତତ୍‌ସହିତ ସମସ୍ୟା, ପ୍ରଚ୍ଛନ୍ନ ସମାଧାନ ବା ପ୍ରତିକାର ଏବଂ ଉପଲବ୍ଧ ଭିନ୍ନ ଭିନ୍ନ ଉପାୟର ଲାଭ କ୍ଷତି ଆଲୋଚନା କରିପାରିବାର ସାମର୍ଥ୍ୟ ବୃଦ୍ଧିକରିବାରେ ଏହି ଆଲୋଚନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି ଆଲୋଚ଼ନା ମାଧ୍ୟମରେ ଆଇନସହାୟକମାନେ ବିଚାରଆଲୋଚନାତ୍ମକ ବା ଭାଗିଦାରୀ ଗଣତନ୍ତ୍ରର କାର୍ଯ୍ୟପ୍ରଣାଳୀର ନିଦର୍ଶନ ଦେଇଥାନ୍ତି।



ଗୁଜୁରାଟରେ ପାଇପ୍‌ଲାଇନ୍‌ରେ ଦେଖାଦେଇଥିବା ରନ୍ଧ୍ରକୁ ଆଇନସହାୟକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀଙ୍କର ସହ ନିରୀକ୍ଷଣ କରୁଛନ୍ତି

## ଅଧିକାରୀ ଓ ଅନୁଷ୍ଠାନ ସହ ସମ୍ପର୍କ ସ୍ଥାପନ

ଆଇନସହାୟକମାନେ ସହାୟକ ଗୋଷ୍ଠୀ ବା ମହକିଲଙ୍କୁ ଭିନ୍ନ ଭିନ୍ନ ଅନୁଷ୍ଠାନ ଯଥା; ପରିବେଶ ବିଭାଗ, ରାଜସ୍ୱ କାର୍ଯ୍ୟାଳୟ, ଜିଲ୍ଲା କଲେକ୍ଟର ଅଫିସ୍ କିମ୍ବା ମତ୍ସ୍ୟପାଳନ ବିଭାଗ ସହ ସମ୍ପର୍କ ସ୍ଥାପନ କରିବାରେ ସହାୟତା ପ୍ରଦାନ କରିଥାନ୍ତି । ଏହି ସହାୟତା କାର୍ଯ୍ୟାଳୟର ଅବସ୍ଥିତି ଓ କାର୍ଯ୍ୟସମୟ ବାବଦରେ ଜଣାଇବା ବା ଯୋଗାଯୋଗ ପାଇଁ ଟିକିନିଖି ସୂଚନା ହୋଇପାରେ । ଏହା ମଧ୍ୟ ପତ୍ର ଲେଖିବା, ଅଭିଯୋଗ ଲେଖିବା, ଆର୍‌ଟିଆଇ ଆବେଦନ ଦାଖଲ, କାର୍ଯ୍ୟାଳୟକୁ ଯିବା ଏବଂ ଫୋନ୍ କରିବା ହୋଇପାରେ । ଜ୍ଞାନ ଓ ଦକ୍ଷତା ବୃଦ୍ଧି ସଙ୍ଗେ ସଙ୍ଗେ ଓ କାଳାନୁକ୍ରମେ ସହାୟତାର ଆବଶ୍ୟକତା କମିଥାଏ ଏବଂ ପରବର୍ତ୍ତୀ ସମୟରେ କେବଳ ପରିଚୟ କରାଇଦେବା ଏବଂ ଯୋଗାଯୋଗ ପାଇଁ ସୂଚନା ଦେବା ଦ୍ୱାରା ଏହି ଲକ୍ଷ୍ୟ ପୂରଣ ହୋଇଥାଏ । ସାଧାରଣତଃ, ସମସ୍ୟାର ସମାଧାନ (ଯଦି ଏପର୍ଯ୍ୟନ୍ତ ନହୋଇଥାଏ) ଯେତେଦୂର ସମ୍ଭବ ନିକଟବର୍ତ୍ତୀ ଅନୁଷ୍ଠାନ ଜରିଆରେ କରିବାକୁ ଚେଷ୍ଟାକରାଯିବା ଉଚିତ୍ । ଉଦାହରଣ ସ୍ୱରୂପ, ଗ୍ରାମସ୍ତରୀୟ / ଅଞ୍ଚଳସ୍ତରୀୟ ଅନୁଷ୍ଠାନ ଯଥା ପଞ୍ଚାୟତ ଓ ପୌରପରିଷଦକୁ ପ୍ରଥମେ ଏବଂ ଏହା ପରେ ବ୍ଲକ, ଜିଲ୍ଲା, ରାଜ୍ୟ ଓ ତା'ପରେ ଜାତୀୟ ଅନୁଷ୍ଠାନଙ୍କୁ ଯୋଗାଯୋଗ କରିବା ଉଚିତ୍ । କିନ୍ତୁ, ସମସ୍ୟାର ପ୍ରଭାବ ଏବଂ ଏହାର ପରିସୀମା କିମ୍ବା  ବିଶେଷ କାରଣ ଥିଲେ, ଉପର ସ୍ତରର ପ୍ରତିଷ୍ଠାନକୁ ଯୋଗାଯୋଗ କରିବା ଅଧିକ ଉପଯୋଗୀ ହୋଇଥାଏ ।

ସମସ୍ୟାର ସମାଧାନ ସ୍ଥଳବିଶେଷରେ ଏପରି ଆଇନ ବା ପ୍ରତିଷ୍ଠାନ ମାଧ୍ୟମରେ ସମ୍ଭବପର ଯାହାକି ସମସ୍ୟାର ସମାଧାନ ପାଇଁ ସାଧାରଣ ଭାବରେ ପସନ୍ଦ ନୁହେଁ କିମ୍ବା ସିଧାସଳଖ ରୂପେ ସମସ୍ୟା ପାଇଁ  ଦାୟୀ କିମ୍ବା ପ୍ରତିକାର ନୁହେଁ । ଉଦାହରଣ ସ୍ୱରୂପ, ଏକ ମାମଲାରେ ନଦୀମୁହାଣରୁ ଶାମୁକା ସଂଗ୍ରାହକ ମାନଙ୍କର ବୀମା ରାଶି ପାଇଁ ରାଜ୍ୟ ମତ୍ସ୍ୟ ବିଭାଗ ବ୍ୟତିରେକ ମାନବ ସମ୍ବଳ, ସଂଖ୍ୟାଲଘୁ ଓ ମହିଳା ଓ ଶିଶୁ ବିକାଶ ବିଭାଗକୁ ମଧ୍ୟ ଯୋଗାଯୋଗ କରିବାକୁ ପଡ଼ିଥିଲା । ଏହିପରି ପାଇପ୍‌ଲାଇନ୍ ଯୋଗୁଁ ସୃଷ୍ଟି ହେଉଥିବା ପ୍ରଭାବକୁ ଦୂରକରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଭୂମି ଅଧିଗ୍ରହଣ ଆଇନ ପ୍ରଣୟନ କରାଯାଇଥିଲା  ।



## ଆନୁଷ୍ଠାନିକ ସହଯୋଗୀ ଚିହ୍ନଟୀକରଣ

ମାମଲା ସମାଧାନର ପ୍ରାଥମିକ ପର୍ଯ୍ୟାୟରେ ମାମଲା ସମାଧାନ ପାଇଁ ସହାୟକ ଅନୁଷ୍ଠାନଗୁଡ଼ିକର ଚିହ୍ନଟୀକରଣ ଆବଶ୍ୟକ । ଏହି ଅନୁଷ୍ଠାନ ଗୁଡ଼ିକ ସମସ୍ୟା ପାଇଁ ସିଧାସଳଖ ଭାବେ ଦାୟୀ ଅନୁଷ୍ଠାନଠାରୁ ଭିନ୍ନ ହୋଇଥାନ୍ତି । କିନ୍ତୁ ଏହି ଅନୁଷ୍ଠାନମାନେ ଏକ ନିର୍ଦ୍ଦିଷ୍ଟ ଜନସମୂହ ବା ଗୋଷ୍ଠୀର (ଉଦାହରଣ ସ୍ୱରୂପ; ମତ୍ସ୍ୟପାଳନ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ କିମ୍ବା ଜନଜାତି ବ୍ୟାପାର ମନ୍ତ୍ରଣାଳୟ)କଲ୍ୟାଣ ନିମନ୍ତେ କାର୍ଯ୍ୟକରିଥାନ୍ତି । ବେଳେବେଳେ ଏପରି ଅନୁଷ୍ଠାନ ଯାହାର କାର୍ଯ୍ୟପରିସର ମଧ୍ୟରେ ମାମଲା/ଘଟଣାର ପ୍ରଭାବ ଅନ୍ତର୍ଭୁକ୍ତ ତାହାକୁ ମଧ୍ୟ ବିଚାରକୁ ନିଆଯାଇଥାଏ । ଉଦାହରଣ ସ୍ୱରୂପ; ପୌରପରିଷଦ ଦ୍ୱାରା ବେଆଇନ ଭାବେ ଜଙ୍ଗଲ ଭୂମିରେ କରାଯାଉଥିବା ଅଳିଆ ଆବର୍ଜନା ଗଦା ନିକଟବର୍ତ୍ତୀ ଗ୍ରାମରେ ବାସକରୁଥିବା ଜନସାଧାରଣଙ୍କର ପାଇଁ ଅସୁବିଧା ସୃଷ୍ଟି କରିବା ସଙ୍ଗେ ଜଙ୍ଗଲ ବିଭାଗ କିମ୍ବା ତଟ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷ କିମ୍ବା ଜଙ୍ଗଲ ବିଭାଗ ଯାହାର ଅଧିକାର କ୍ଷେତ୍ର ଅଧିନରେ ବେଆଇନ ଅଳିଆ ଗଦା ସ୍ଥାନ ଅବସ୍ଥିତ ତାହା ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରୁଥାଇପାରେ । ଏପରି ଅନୁଷ୍ଠାନମାନେ ଏହି ମାମଲାରେ ସହଯୋଗୀ ଅନୁଷ୍ଠାନ ରୂପେ କାର୍ଯ୍ୟକରି ମାମଲାର ଶୀଘ୍ର ଓ ସହଜ ସମାଧାନରେ ସାହାଯ୍ୟ କରିପାରିବେ ।

କାର୍ଯ୍ୟ ସମ୍ପାଦନ ପାଇଁ ବ୍ୟବହାର କରାଯାଇଥିବା ଅନୁଷ୍ଠାନ ମାନଙ୍କର ତାଲିକା ନିମ୍ନରେ ଦିଆଯାଇଅଛି, କିନ୍ତୁ ଆଇନସହାୟକମାନେ ଆହୁରି  ଅଧିକ ଅନୁଷ୍ଠାନମାନଙ୍କର ସାହାଯ୍ୟ ନେଇପାରିବେ ।

- ପଞ୍ଚାୟତ
- ଆଞ୍ଚଳିକ ରାଜସ୍ୱ ଅଧିକାରୀ
- ଜିଲ୍ଲା କଲେକ୍ଟର
- ଜିଲ୍ଲାସ୍ତରୀୟ କୋଷ୍ଟାଲ କମିଟି
- ଜଙ୍ଗଲ ବିଭାଗ
- ମତ୍ସ୍ୟପାଳନ ବିଭାଗ
- ଆଞ୍ଚଳିକ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ
- ଆଞ୍ଚଳିକ ଓ ରାଜ୍ୟ ତଟ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷ (କୋଷ୍ଟାଲ୍ ଜୋନ୍ ମ୍ୟାନେଜ୍‌ମେଣ୍ଟ ଅଥରିଟି)
- ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ




ଛତିଶଗଡରେ ବାୟୁ ପ୍ରଦୂଷଣ ଉପରେ ଅଭିଯୋଗ ପତ୍ର ପ୍ରସ୍ତୁତି ପାଇଁ ଆଇନସହାୟକ ଓ ସହାୟକଗୋଷ୍ଠୀ ମିଶି କାମ କରୁଛନ୍ତି

## ଅନୁଜ୍ଞା/ଅଭିଯୋଗ ପତ୍ର ପ୍ରସ୍ତୁତି

ମହକିଲ ବା ସହାୟକ ଗୋଷ୍ଠୀ ସହ ମିଶି ଅନୁଜ୍ଞା ପତ୍ର/ଚିଠି ପ୍ରସ୍ତୁତ କରିବା ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । କୌଣସି ଅନୁଷ୍ଠାନକୁ ମୁହାଁମୁହିଁ ଯୋଗାଯୋଗ କରିବା ପୂର୍ବରୁ ଏହାକୁ ଏକ ପକ୍ଷ ରୂପେ ବିବେଚନା କରାଯାଇପାରେ । ପ୍ରାଥମିକ ପର୍ଯ୍ୟାୟରେ ଆଇନସହାୟକମାନଙ୍କର ଠାରୁ ଏହା ଅଧିକ ଶ୍ରମ ଆବଶ୍ୟକ କରେ । କିନ୍ତୁ ମହକିଲ ବା ସହାୟକ ଗୋଷ୍ଠୀ ପତ୍ର ପ୍ରସ୍ତୁତିର ସାମର୍ଥ୍ୟ ଥରେ ହାସଲ କରିସାରିଲା ପରେ ଆଇନସହାୟକଙ୍କୁ କେବଳ ବିଷୟବସ୍ତୁ ବା ଆଇନଗତ ସୂଚନା ଯାହା ପତ୍ରର ଆଧାର ରୂପେ ପରିଗଣିତ ହୁଏ ସେ ସମ୍ବନ୍ଧରେ ପରାମର୍ଶ ଦେବାକୁ ହୁଏ । ଉତ୍ତର କନ୍ନଡରେ ଆଇନସହାୟକଙ୍କର ସାହାଯ୍ୟ ନେଇ ଗ୍ରାମର  ଅଧିବାସୀମାନେ ପୌରପାଳିକାକୁ ଏକ ପାହାଡ଼ ଉପରେ କଠିନ ବର୍ଜ୍ୟବସ୍ତୁ ଗଦା ହେଉଥିବା ସମ୍ବନ୍ଧୀୟ ଅନୁଜ୍ଞାପତ୍ର ପ୍ରଦାନ କରିଥିଲେ । ଏହି ଅଳିଆଗଦା ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ଏବଂ ଜଳଉତ୍ସକୁ ପ୍ରଦୂଷିତ କରିବା ସଙ୍ଗେ ସଙ୍ଗେ ମହାମାରୀର ଆଶଙ୍କା ସୃଷ୍ଟି କରିଥିଲା ।

ଜନସମୂହକୁ ପ୍ରଭାବିତ କରୁଥିବା ସମସ୍ୟାର ସମାଧାନ ପାଇଁ ଲେଖାଯାଉଥିବା ପତ୍ର ବିଶେଷତଃ ସମସ୍ୟା ବକ୍ତବ୍ୟ, ସମସ୍ୟାର କିସମ ଓ ଇତିହାସର ସବିଶେଷ ସୂଚନା ଓ କେଉଁମାନେ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି ସେ ସମସ୍ତ ସୂଚନା ବହନ କରେ । ଦିଆଯାଇଥିବା ମନ୍ତବ୍ୟକୁ ପ୍ରତିଷ୍ଠିତ କରିବା ପାଇଁ ସଂଗ୍ରହ ବା ପ୍ରସ୍ତୁତ କରାଯାଇଥିବା ସାକ୍ଷ୍ୟପ୍ରମାଣକୁ ମଧ୍ୟ ଏହା ସନ୍ନିବେଶିତ କରେ । ଶେଷରେ ଏହା ସମସ୍ୟାର ସମାଧାନ ପାଇଁ ଅନୁଷ୍ଠାନଠାରୁ ଆଶା କରାଯାଉଥିବା ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରେ । ଅନେକ କ୍ଷେତ୍ରରେ, ଆଇନସହାୟକ ଏବଂ ମହକିଲ କିମ୍ବା ସହାୟକ ଗୋଷ୍ଠୀ ମାମଲାକୁ ଆଗେଇନେବା ବେଳେ ପ୍ରଥମାବସ୍ଥାରେ ଅନୁଷ୍ଠାନର ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କିମ୍ବା ଅନୁଷ୍ଠାନଦ୍ୱାରା ସ୍ୱୀକାରୋକ୍ତି ପାଇଁ ପଦକ୍ଷେପ ନେଇଥାନ୍ତି ଓ ମାମଲାର ପରବର୍ତ୍ତୀ ପର୍ଯ୍ୟାୟରେ ସୁପାରିଶ, ଦାବୀ ଓ ପ୍ରତିକାରକୁ ଏଥିରେ ସାମିଲ କରନ୍ତି । ପରିଶିଷ୍ଟ- ୨ରେ ଅଭିଯୋଗ ପତ୍ରର ନମୁନା ଦିଆଯାଇଅଛି ।





କର୍ଣ୍ଣାଟକରେ ସ୍ଥାନୀୟ ଅଧିକାରୀଙ୍କର ଦ୍ୱାରା ସେମାନଙ୍କର ଅଭିଯୋଗର ପ୍ରତ୍ୟୁତ୍ତର ଦିଆଯାଇଥିବା ଏକ ସରକାରୀ ଚିଠିକୁ ଆଇନସହାୟକ ଓ ସହାୟକ ଗୋଷ୍ଠୀ ପଢୁଛନ୍ତି

## ସ୍ଥାନୀୟ ଗଣମାଧ୍ୟମରେ ଖବର ପ୍ରକାଶ

ଆଇନସହାୟକମାନେ ସ୍ଥାନୀୟ ଗଣମାଧ୍ୟମରେ ନିୟମ ଉଲଙ୍ଘନ ଏବଂ ତାହାସହ ସଂଶ୍ଳିଷ୍ଟ ପ୍ରଭାବ ସମ୍ପର୍କୀତ ଖବର ପ୍ରକାଶ କରିପାରିବେ । କିନ୍ତୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନେବା ଉଚିତ୍ । ବେଳେବେଳେ, ଗଣମାଧ୍ୟମରେ ଘଟଣା ବାବଦରେ ପ୍ରକାଶନ ସଂପୃକ୍ତ ବିଭାଗକୁ ଅଯଥା ବିରକ୍ତ କରିଥାଏ ଏବଂ ଫଳତଃ ଏହା ବିରୋଧି ପକ୍ଷ ହୋଇଯାଇଥାଏ । ଅନ୍ୟ କେତେକ କ୍ଷେତ୍ରରେ ସମ୍ବାଦ ପ୍ରକାଶନ ଦ୍ୱାରା ପ୍ରଭାବିତ ଜନଗୋଷ୍ଠୀ ପକ୍ଷରୁ ସଂପୃକ୍ତ ଅନୁଷ୍ଠାନ ଉପରେ ଚାପ ସୃଷ୍ଟି ହୁଏ ଏବଂ ଏହା ଉତ୍ତମ ଓ ଦ୍ରୁତ ପ୍ରତିକାର ପାଇଁ ସହାୟକ ହୋଇଥାଏ । ସମସ୍ୟା ବାବଦରେ ଗଣମାଧ୍ୟମରେ ଥରେ ମାତ୍ର ଖବର ପ୍ରକାଶନ ବଦଳରେ ସମସ୍ୟା ପ୍ରତି ଗଣମାଧ୍ୟମର ଦୃଷ୍ଟି ନିରନ୍ତର ନିବଦ୍ଧ ରଖିବାରେ ଗଣମାଧ୍ୟମ ସହ ଯୋଗାଯୋଗ ସହାୟକ ସାବ୍ୟସ୍ତ ହୋଇଥାଏ । ଆଇନସହାୟକମାନେ ନିଜେ ଗଣମାଧ୍ୟମରେ ଘଟଣା/ମାମଲା ବାବଦରେ ନିଜେ ଲେଖିବା ପାଇଁ ମଧ୍ୟ ସକ୍ଷମ ହୋଇଥାନ୍ତି ।



କର୍ଣ୍ଣାଟକର ଏକ ଆବର୍ଜନା ଗଦା ସଂକ୍ରାନ୍ତୀୟ ମାମଲାର ଖବରକାଗଜ ରିପୋର୍ଟ

# ମଧ୍ୟସ୍ଥତା

ସମସ୍ୟାର ସମାଧାନ ପାଇଁ ଦୁଇପକ୍ଷ ମଧ୍ୟରେ ଅସହମତି ଥିଲେ ଆଇନସହାୟକ ସେମାନଙ୍କୁ ସାହାଯ୍ୟ କରିପାରିବେ। ମଧ୍ୟସ୍ଥତା ବିବାଦ ମୀମାଂଶା ବା ପ୍ରତିନିଧିତ୍ୱ କୌଶଳଠାରୁ ଭିନ୍ନ। ମଧ୍ୟସ୍ଥତା କରିବା ବେଳେ ମଧ୍ୟସ୍ଥତା କରୁଥିବା ବ୍ୟକ୍ତି ବା ଅନୁଷ୍ଠାନ ନିଜକୁ ପକ୍ଷଭୁକ୍ତ କରେ ନାହିଁ ଏବଂ ଉଭୟପକ୍ଷଙ୍କୁ ଏକ ନିରପେକ୍ଷ ଓ ସମତୁଲ ସମାଧାନର ରାସ୍ତା ଯୋଗାଇଥାଏ। ବିବାଦ ମୀମାଂଶା ବା ପ୍ରତିନିଧିତ୍ୱରେ ନିଜେ କେଉଁ ପକ୍ଷ ସହ ସଂଶ୍ଳିଷ୍ଟ ତାହାର ଚୟନ କରାଯାଏ ଓ ସେହିପକ୍ଷ ତରଫରୁ ଅନ୍ୟ ପକ୍ଷକୁ ସମାଧାନ ପ୍ରଦାନ କରାଯାଏ। ସମସ୍ୟା ସୃଷ୍ଟି କରିଥିବା ପକ୍ଷ ଏହାର ସମାଧାନ ପାଇଁ ଇଚ୍ଛୁକ ହୋଇଥିଲେ ମଧ୍ୟସ୍ଥତା ପ୍ରତିକାର ପାଇଁ ଏକ ସୁଲଭ୍ୟ ଓ ତ୍ୱରିତ ଉପାୟ ରୂପେ ପରିଗଣିତ ହୋଇଥାଏ। ଏହା ଦୋଷୀପକ୍ଷଙ୍କୁ ସମସ୍ୟା ବା ପରିସ୍ଥିତି ସୁଧାରିବା ପାଇଁ ସୁଯୋଗ ପ୍ରଦାନ କରିଥାଏ। ଉତ୍ତର କନ୍ନଡରେ ମାଛ ଜାଆଁଳ ଉତ୍ପାଦନ କେନ୍ଦ୍ର ନିର୍ମାଣ ଉପନଦୀର ଗତିପଥକୁ ପ୍ରତିରୋଧ କରିଥିଲା। ଏହା ସିଆର୍‌ଜେଡ୍ ଆଇନର ଉଲଙ୍ଘନ ଥିଲା ଏବଂ ନିର୍ମାଣ ନିକଟବର୍ତ୍ତୀ ଚାଷଜମିକୁ ଜଳର ପ୍ରବେଶରେ ବାଧା ସୃଷ୍ଟି କରୁଥିଲା। ଆଇନସହାୟକ ମାଛ ଜାଆଁଳ ଉତ୍ପାଦନ କେନ୍ଦ୍ରର ମାଲିକ ଓ ଯେଉଁ ଜମିମାଲିକମାନେ ଏହାଦ୍ୱାରା ପ୍ରଭାବିତ ହେଉଥିଲେ ସେମାନଙ୍କର ଏକ ସଭା ଡକାଇଲେ। ଜାଆଁଳ ଉତ୍ପାଦନ କେନ୍ଦ୍ରର ମାଲିକ ଜାଣିନଥିଲେ ଯେ ଏବାବଦରେ କୃଷକମାନେ ପ୍ରଶ୍ନ ଉଠାଇବେ। ଯେତେବେଳେ ସେ ଜାଣିବାକୁ ପାଇଲେ ଯେ କୃଷକମାନେ ସିଆର୍‌ଜେଡ୍ କାର୍ଯ୍ୟାଳୟରେ ଅଭିଯୋଗ ଦାଖଲ ବାବଦରେ ଚିନ୍ତା କରୁଛନ୍ତି ସେ ନିର୍ମାଣକୁ ଭାଙ୍ଗି ଉପନଦୀ ଜଳସ୍ରୋତରୁ ପ୍ରତିବନ୍ଧକ ହଟାଇଦେବାକୁ ରାଜି ହୋଇଗଲେ।

ଆସାଧାରଣ ଭାବେ କଷ୍ଟସାଧ୍ୟ ବା ଗୁରୁତ୍ୱପୂର୍ଣ୍ଣ ମାମଲାରେ ଆଇନସହାୟକ ସମସ୍ୟାର ସମାଧାନ ପାଇଁ ମାମଲାକୁ ଜଣେ ଓକିଲଙ୍କୁ ନ୍ୟସ୍ତ କରିପାରନ୍ତି ଯିଏକି ଅଦାଲତ ପ୍ରକ୍ରିୟାକୁ ବ୍ୟବହାର କରିପାରନ୍ତି। ଆହୁରି ମଧ୍ୟ ଅନେକ ପନ୍ଥା / ଉପାୟ ଆଇନସହାୟକମାନେ ସେମାନଙ୍କର ସୃଜନଶୀଳତା ଏବଂ ପରିସ୍ଥିତି ଆଧାରରେ ବ୍ୟବହାର କରିପାରନ୍ତି।



କର୍ଣ୍ଣାଟକରେ ନୂଆ କରି ଗଡ଼ାହୋଇଥିବା ଶାମୁକା ସଂଗ୍ରାହକ ଗୋଷ୍ଠୀର ସଭା ଆଇନସହାୟକ ଆୟୋଜନ କରିଛନ୍ତି





ଓଡ଼ିଶାରେ ମାମଲା ସମାଧାନର ଉପାୟ/ ପନ୍ଥା ନିର୍ଣ୍ଣୟ କରିବା ପାଇଁ ଆଇନସହାୟକ ତାଙ୍କର କ୍ଷେତ୍ର ବିବରଣୀ ପୁସ୍ତିକା ପଢୁଛନ୍ତି

ସାବଧାନ!

ପ୍ରତ୍ୟେକ ମାମଲାର ପଦକ୍ଷେପ ଗୁଡ଼ିକର ଯୋଜନା ପ୍ରସ୍ତୁତ କରିବା ସମୟରେ ସମସ୍ୟାର ବା ପ୍ରଭାବର ସ୍ୱଭାବ ଏବଂ ଏହାର ସମାଧାନ ପାଇଁ କଣ କରାଯାଇଅଛି ଏବଂ ଅସଫଳତାର କାରଣ ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ମୂଳରୁ ଆବଶ୍ୟକ।

କାର୍ଯ୍ୟ ଯୋଜନା (ଏବଂ ଏଥିରେ କାଳକ୍ରମେ କରାଯାଉଥିବା ପରିବର୍ତ୍ତନ) ବାବଦରେ ନିଷ୍ପତ୍ତି ଗ୍ରହଣ ମହକିଲ ବା ସହାୟକ ଗୋଷ୍ଠୀଙ୍କର ସହ ଆଲୋଚନା ମାଧ୍ୟମରେ କରିବା ଆଇନସହାୟକ ସୁନିଶ୍ଚିତ କରିବା ଉଚିତ୍।

ଅନେକ ପନ୍ଥା/ଉପାୟର ସମ୍ମିଶ୍ରଣ ବା ବହୁବିଧ ପନ୍ଥା/ଉପାୟର ଏକ ସଙ୍ଗରେ ପ୍ରୟୋଗ କେବଳ ଗୋଟିଏ ଉପାୟ/ପନ୍ଥା ଉପରେ ନିର୍ଭରଶୀଳତା ଅପେକ୍ଷା ଫଳ ପାଇବା ପାଇଁ ଅଧିକ ଶ୍ରେୟସ୍କର। କିନ୍ତୁ ବେଳେ ବେଳେ ଅମଲାତାନ୍ତ୍ରିକ ଓ ରାଜନୈତିକ ଦୃଶ୍ୟପଟର ଆବଶ୍ୟକତା ବିପରୀତ କୌଶଳ ଆପଣାଇବାକୁ ବାଧ୍ୟ କରିଥାଏ।


ଯେତେଦୂର ସମ୍ଭବ ମହକିଲ / ସହାୟକ ଗୋଷ୍ଠୀର ପୂର୍ଣ୍ଣ ସଂଶ୍ଳିଷ୍ଟତା ହାସଲ କରି ଅନୁଷ୍ଠାନମାନଙ୍କର ସହ ଯୋଗାଯୋଗ କରାଯିବା ଉଚିତ୍। ଉଦାହରଣ ସ୍ୱରୂପ; ଚିଠି/ଅନୁଜ୍ଞାପତ୍ରର ବିଷୟବସ୍ତୁ ସେମାନଙ୍କର ସହ ଆଲୋଚନା ପରେ ଏହାକୁ ଚୂଡ଼ାନ୍ତ ରୂପ ଦେବା ଉଚିତ୍, ସେମାନଙ୍କର ଉପସ୍ଥିତିରେ ଫୋନ୍ ଯୋଗେ କଥାବାର୍ତ୍ତା ହେବା ଉଚିତ୍ ଏବଂ ସମୟକ୍ରମେ ଜନଗୋଷ୍ଠୀର ସଦସ୍ୟମାନେ ମାମଲା ସମ୍ବନ୍ଧୀୟ ସମସ୍ତ ଗ୍ରସ୍ତ କାର୍ଯ୍ୟକ୍ରମ ଏବଂ ଫୋନ୍ ଯୋଗେ କଥାବାର୍ତ୍ତା ଇତ୍ୟାଦିରେ ପ୍ରମୁଖ ଭୂମିକା ଗ୍ରହଣ କରିବା ଆବଶ୍ୟକ।

କାର୍ଯ୍ୟ ଯୋଜନା କ୍ଷିପ୍ର ଓ ନମନୀୟ/ପରିବର୍ତ୍ତନୀୟ ହେବା ଉଚିତ୍ ଏବଂ ସେପରି ଉପାୟ/ପନ୍ଥା ଯାହା ଆଇନସହାୟକ, ମହକିଲ, ସହାୟକ ଗୋଷ୍ଠୀ ଏବଂ ସହକର୍ମୀମାନଙ୍କୁ ବିପଦରେ ପକାଇବ ତାକୁ ଏଡ଼ାଇବା ଉଚିତ୍।

ସମସ୍ୟା ସମାଧାନର ପ୍ରତ୍ୟେକ ପଦକ୍ଷେପରେ ସହାୟକ ଗୋଷ୍ଠୀ ବା ମହକିଲଙ୍କର ସହଭାଗୀତା ବାଧ୍ୟତାମୂଳକ।



ଓଡ଼ିଶାର କେନ୍ଦୁଝରର ସହାୟକ ଗୋଷ୍ଠୀ ଓ ଆଇନସହାୟକଙ୍କର ଉଦ୍ୟମ ବାୟୁ ପ୍ରଦୂଷଣ କରୁଥିବା ଖଣିଜ ପଦାର୍ଥ ପରିବହନ ବ୍ୟବସ୍ଥାରେ ଉନ୍ନତି ଆଣିବାରେ ସଫଳ ହୋଇଛି



କର୍ଣ୍ଣାଟକର ଉତ୍ତର କନ୍ନଡରେ ଆଇନ ସହାୟକ ଓ ସହାୟକ ଗୋଷ୍ଠୀ ପୌରପରିଷଦର ଅଧିକାରୀଙ୍କର ପାଖରେ ଅଭିଯୋଗ ଦ୍ୱାରା ଆବର୍ଜନା ଗଦା ସ୍ଥାନକୁ ସଫା କରାଇବାରେ ସଫଳତା ପାଇଛନ୍ତି



# 3.4 ମାମଲାର ଲିଖିତ ବିବରଣୀ ପ୍ରସ୍ତୁତି

ମାମଲାର ସଠିକ୍ ବିବରଣୀ ଯେକୌଣସି ଆଲୋଚନା ସ୍ଥଳ ବା ସଭାରେ ଉପସ୍ଥାପନ ପାଇଁ ମାମଲାର ପୁଙ୍ଖାନୁପୁଙ୍ଖ ବିବରଣୀ ନିମ୍ନମତେ ପ୍ରସ୍ତୁତ କରିବା ଆବଶ୍ୟକ। ଏସବୁ ଆଇନସହାୟକମାନଙ୍କୁ ମାମଲା ବିଷୟରେ ଜାଣିବାକୁ ଯେକୌଣସି ବ୍ୟକ୍ତି ଯଥା-ସରକାରୀ ଅଧିକାରୀ, ସେମାନଙ୍କୁ ସମର୍ଥନ କରୁଥିବା ବ୍ୟକ୍ତି ଓ ଗଣମାଧ୍ୟମ ଦ୍ୱାରା ବାରମ୍ବାର ପଚରାଯାଉଥିବା ପ୍ରଶ୍ନ (Frequently Asked Questions)

## ପୃଷ୍ଠଭୂମି

1. ମାମଲାଟି କେଉଁ ସମସ୍ୟା ବିଷୟକ? ସମସ୍ୟା ଯୋଗୁଁ କେଉଁମାନେ ପ୍ରଭାବିତ ଏବଂ କିପରି?

2. କିଏ ମାମଲାକୁ ଚିହ୍ନଟ କରିଥିଲେ? ଏହି ମାମଲାରେ ମହକିଲ କିଏ? ସେମାନଙ୍କର ମଧ୍ୟରୁ କେତେଜଣ ପୁରୁଷ ଓ କେତେଜଣ ମହିଳା?

3. କିଏ ନିୟମ/ଆଇନ ଉଲଙ୍ଘନକାରୀ (ସରକାର/ଠିକାଦାର/ପ୍ରକଳ୍ପ କର୍ତ୍ତୃପକ୍ଷ/ନିର୍ଦ୍ଦିଷ୍ଟ ବ୍ୟକ୍ତି/ଏପର୍ଯ୍ୟନ୍ତ ସ୍ପଷ୍ଟ ନୁହେଁ) କେଉଁ ଆଇନ/ଆଇନର ଧାରା/ଅଦାଲତ ଆଦେଶକୁ ଉଲଙ୍ଘନ/ଅବମାନନା କରାଯାଇଅଛି?

4. ମାମଲାଟି କଣ ପାଇଁ ଗୁରୁତ୍ୱପୂର୍ଣ୍ଣ? କିମ୍ବା ସମସ୍ୟାର ସମାଧାନ କରାଗଲେ କେତେଜଣ ବ୍ୟକ୍ତି ଏହାଦ୍ୱାରା ଲାଭବାନ ହେବେ? କେତେଜଣ ପୁରୁଷ ଓ କେତେଜଣ ମହିଳା (ପାଖାପାଖି ସଂଖ୍ୟା ଦର୍ଶାଇପାରିଲେ ଠିକ୍)? ସେମାନେ କେଉଁ ପ୍ରକାର ଲାଭ ପାଇ ପାରିବେ (ଉଦାହରଣ ସ୍ୱରୂପ, ବିଶୁଦ୍ଧ ବାୟୁ, ନିଷ୍ପତ୍ତି ଗ୍ରହଣରେ ପ୍ରତିନିଧିତ୍ୱ, ସର୍ବସାଧାରଣ ସ୍ଥାନରେ ପ୍ରବେଶାନୁମତି ଯଥା- ଖେଳାଭୂମି, ଜୀବିକାର ଲାଭ ଇତ୍ୟାଦି)? ଏହାକୁ ସ୍ପଷ୍ଟରୂପେ ଦର୍ଶାନ୍ତୁ ଏବଂ ଯେତେଦୂର ସମ୍ଭବ ସାକ୍ଷ୍ୟପ୍ରମାଣ ପ୍ରଦାନ କରନ୍ତୁ ।



## ଚେଷ୍ଟା

5. ସମସ୍ୟାର ସମାଧାନ ପାଇଁ ପୂର୍ବରୁ ଅନ୍ୟମାନେ/ମହକିଲମାନେ କେଉଁ ପଦକ୍ଷେପ ନେଇଛନ୍ତି?

6. ସେମାନେ କାହିଁକି ସମସ୍ୟାର ସମାଧାନ କରିପାରିଲେ ନାହିଁ?

## ପ୍ରତିକାର

7. ଏହି ମାମଲାରେ କେଉଁଭଳି ପ୍ରତିକାର ଆଶା କରାଯାଉଅଛି?

8. ପ୍ରତିକାର ପାଇଁ କେଉଁ କେଉଁ ଅଧିକାରୀ/ବିଭାଗ ସହ ଯୋଗାଯୋଗ କରାଯାଇଅଛି? ଯୋଗାଯୋଗ କରାଯାଇଥିବା ସମସ୍ତ ଅଧିକାରୀ/ବିଭାଗର ସମ୍ପୂର୍ଣ୍ଣ ତାଲିକା, ସେମାନଙ୍କର ଉତ୍ତର ଏବଂ ସେମାନେ ଉତ୍ତର ଦେବା ପାଇଁ କେତେ ସମୟ ଲାଗିଥିଲା ତାହା ଦର୍ଶାନ୍ତୁ।

9. ଯେଉଁ ଯେଉଁ ଅଧିକାରୀ/କାର୍ଯ୍ୟାଳୟକୁ ଯୋଗାଯୋଗ କରାଯାଇଥିଲା ସେମାନଙ୍କର ମଧ୍ୟରୁ କିଏ ଆଶା କରାଯାଉଥିବା ପ୍ରତିକାର/ସମସ୍ୟାର ସମାଧାନ ସହ ସିଧାସଳଖ ଭାବେ ଜଡ଼ିତ?

## ତଥ୍ୟ

10. ମାମଲା ପାଇଁ କେଉଁ ପ୍ରକାର ସାକ୍ଷ୍ୟପ୍ରମାଣ ତୁମେ ପ୍ରସ୍ତୁତ କରିଥିଲ? ଏଗୁଡ଼ିକର ତାଲିକା ପ୍ରସ୍ତୁତ କର (ଉଦାହରଣ ସ୍ୱରୂପ, ଲାଗଲାଗ ତିନି ଦିନର ମଣ୍ଡ ଜମା ହେଉଥିବା ସ୍ଥାନର ଫଟୋ, ବର୍ଜ୍ୟବସ୍ତୁ ଗଦା କରାଯାଉଥିବା ନେଇ ସ୍ଥାନୀୟ ଜନସାଧାରଣଙ୍କର ଅଭିଯୋଗ ସମ୍ପର୍କରେ ଖବରକାଗଜ ଲେଖା, ଗୁଗଲ୍ ମାନଚିତ୍ର ଓ ସମତଳ ନିର୍ଦ୍ଧାରିତ କରୁଥିବା ଉଭୟ ଆବର୍ଜନା ଗଦା ଓ ଜାତୀୟ ଉଦ୍ୟାନର ମାନଚିତ୍ର (କୋଅର୍ଡିନେଟ୍) ଯାହାଫଳରେ ଅଳିଆ ଗଦା ଉଦ୍ୟାନର ସୀମା ମଧ୍ୟରେ କରାଯାଉଥିବାର ପ୍ରମାଣ ପ୍ରଦାନ କରାଯାଇପାରିବ)

11. ଅଧିକାରୀ/ବିଭାଗ ସହ ତୁମେ କିପରି ଯୋଗାଯୋଗ କରିଥିଲ (ଯଥା; ଚିଠି/ଆର୍‌ଟିଆଇ ଆବେଦନ/ଫୋନ୍‌ଯୋଗେ କଥାବାର୍ତ୍ତା/ବ୍ୟକ୍ତିଗତ ସାକ୍ଷାତ)? ଏହି ମାମଲା ପାଇଁ ଏହି ମାଧ୍ୟମରେ କେତେ ଥର ଯୋଗାଯୋଗ କରିଥିଲ? ଏହି ପ୍ରକ୍ରିୟାରେ କେତେଜଣ ମହକିଲ ତୁମ ସହ ଯୋଗ ଦେଇଥିଲେ?


12. ତୁମେ ଅନ୍ୟ କେଉଁ ପଦ୍ଧତି ଆପଣାଇଥିଲ? ଏହାକୁ ସ୍ପଷ୍ଟରୂପେ ଦର୍ଶାଅ। (ଯଥା; ଗଣମାଧ୍ୟମରେ ଖବର ପ୍ରକାଶ/ଜନସାଧାରଣଙ୍କର ସଭାସମିତି/ଜନଗୋଷ୍ଠୀଦ୍ୱାରା ଅନୁଜ୍ଞାପତ୍ର ପ୍ରଦାନ/ଅନ୍ୟାନ୍ୟ)

13. କେଉଁ କାରଣ ହେତୁ ତୁମେ ସମସ୍ୟାର ସମାଧାନ କରିପାରିଥିଲ? (ଯଥା; ଉତ୍ତମ ସାକ୍ଷ୍ୟପ୍ରମାଣ, ସ୍ପଷ୍ଟ ଆଇନର ଫାଶ, ସହୃଦୟ ଅଧିକାରୀ, ଜନଗୋଷ୍ଠୀର ଶକ୍ତି ଇତ୍ୟାଦି)

## ଲାଭ

14. ତୁମେ ମାମଲାରୁ କଣ ଶିଖିବାକୁ ପାଇଛ?

15. ଯଦି ଏହି ସମସ୍ୟା ଆଉଥରେ ଉପୁଜେ, ମହକିଲ ବା ସହାୟକ ଗୋଷ୍ଠୀ ନିଜେ ଏହି ସମସ୍ୟାର ସମାଧାନ କରିପାରିବେକି? ଯଦି ହଁ; ତେବେ କାହିଁକି, ଯଦି ନାହିଁ; ତେବେ କାହିଁକି ନୁହେଁ?



# ଭାଗ ୪

## ନ୍ୟାୟିକ ସଶକ୍ତିକରଣ ମାଧ୍ୟମରେ ଆଇନସହାୟକ (ପାରାଲିଗାଲ) କାର୍ଯ୍ୟକ୍ରମ ସ୍ଥାପନ/ଗଠନ

**ସାମାଜିକ-ଅର୍ଥନୀତିକ ସମସ୍ୟା ଏବଂ ପରିବେଶ କ୍ଷତି ଦ୍ୱାରା ପ୍ରଭାବିତ ଏବଂ ସରକାରୀ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅବହେଳିତ ଜନଗୋଷ୍ଠୀଙ୍କୁ ନ୍ୟାୟପ୍ରଦାନ ଲକ୍ଷ୍ୟ ପ୍ରତି ସମର୍ପିତ ଅନୁଷ୍ଠାନ/ସଂସ୍ଥା ଆଇନସହାୟକ ବା ଗୋଷ୍ଠୀ ଜନଓକିଲଙ୍କୁ ନିୟୋଜିତ କରି ଏକ କାର୍ଯ୍ୟକ୍ରମ ସୃଷ୍ଟି କରିପାରିବ ।**

ଆଇନସହାୟକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ଅତିକମ୍‌ରେ ଗୋଷ୍ଠୀଭିତ୍ତିକ ଆଇନସହାୟକ ଦଳର ସଠିକ୍ ଚୟନ, ତାଲିମ ପ୍ରଦାନ, ନିରନ୍ତର ସାହାଯ୍ୟ ପ୍ରଦାନ ଏବଂ ମୂଲ୍ୟାଙ୍କନ ଆବଶ୍ୟକ। ଆଇନସହାୟକମାନେ କାର୍ଯ୍ୟକରୁଥିବା ପରିବର୍ତ୍ତନଶୀଳ ରାଜନୈତିକ ଓ ନ୍ୟାୟିକ ପରିସ୍ଥିତିକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମର ଏହିସବୁ ଦିଗକୁ ବିକଶିତ ଓ ପୁନର୍ବିଚାର କରାଯିବା ଆବଶ୍ୟକ। ଏସବୁକୁ ମିଶାଇ ଏହାକୁ ଏକ ନମୁନା ବା ପ୍ରତିକୃତିର ଆକାର ନଦେଇ ବରଂ ଏହାକୁ ଏକ ଫଳପ୍ରଦ ଆଇନସହାୟକ କାର୍ଯ୍ୟକ୍ରମ ଗଠନ କରିବାର ଉପାଦାନ ବୋଲି ବିଚାର କରିବା ଉଚିତ୍।




ନ୍ୟାୟିକ ସଶକ୍ତିକରଣ ମାଧ୍ୟମରେ ନେତୃତ୍ୱ ସୃଷ୍ଟି



# 4.1 ଆଇନସହାୟକ ଚୟନ

**ଆଇନସହାୟକ କାର୍ଯ୍ୟକ୍ରମର ସଫଳତା ଆଇନସହାୟକ ଦଳ ଉପରେ ନିର୍ଭର କରେ । ଯତ୍ନର ସହ ଚୟନ କରାଯାଇଥିବା ଏବଂ ତାଲିମପ୍ରାପ୍ତ ଆଇନସହାୟକ ପ୍ରଭାବିତ ଜନଗୋଷ୍ଠୀ ମଧ୍ୟରେ ଆସ୍ଥା ସ୍ଥାପନ ଓ  ମିଳିତ ଭାବରେ କାର୍ଯ୍ୟ ସମ୍ପାଦନ ପାଇଁ ସୁସ୍ଥ ସମ୍ପର୍କ ପ୍ରତିଷ୍ଠା କରିବାରେ ସହାୟକ ହୋଇଥାଏ ।**

**ଆଇନସହାୟକମାନେ ସେମାନଙ୍କର ଶିକ୍ଷା/ତାଲିମ ପ୍ରଦାନ ନିପୁଣତାକୁ ଜନଗୋଷ୍ଠୀଙ୍କର ସଶକ୍ତିକରଣ ଏବଂ ସେମାନଙ୍କୁ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ସମସ୍ୟାର ସମାଧାନ କିପରି କରାଯାଇପାରିବ ସେ ବାବଦରେ ଅନ୍ୟମାନଙ୍କୁ ଜଣାଇବା ପାଇଁ ସମର୍ଥ କରିବାରେ ବ୍ୟବହାର କରିଥାନ୍ତି । ସେମାନେ ସମସ୍ତଙ୍କୁ ସମ୍ମାନ ପ୍ରଦର୍ଶନ କରୁଥିବା, ଶିକ୍ଷାଗ୍ରହଣ ପ୍ରତି ଅନୁରକ୍ତ ଓ ନେତୃତ୍ୱର ସାମର୍ଥ୍ୟ ହାସଲ କରିଥିବା ସମର୍ପିତ ବ୍ୟକ୍ତି ଅଟନ୍ତି । ସେମାନେ କେବଳ ନିଜେ ଯେଉଁ ଜନଗୋଷ୍ଠୀର ସଦସ୍ୟ ହୋଇଥାନ୍ତି ସେହି ଜନଗୋଷ୍ଠୀ ପାଇଁ କାମକରନ୍ତିନାହିଁ, ସେମାନେ ସର୍ବଜନ ସମର୍ପିତ ବ୍ୟକ୍ତି ହିସାବରେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥାନ୍ତି ।**

ନ୍ୟାୟିକ ସଶକ୍ତିକରଣ ଉଦ୍ୟମରେ ସ୍ୱେଚ୍ଛାସେବୀ ମନୋଭାବ ଗୁରୁତ୍ୱପୂର୍ଣ୍ଣ କିନ୍ତୁ ଆଇନସହାୟକମାନଙ୍କୁ ସେମାନଙ୍କର କାର୍ଯ୍ୟପାଇଁ କିଛି ଦେୟ ଦେବାକୁ ହୁଏ। ଆଇନସହାୟକମାନଙ୍କୁ ସେମାନେ ଖର୍ଚ୍ଚ କରୁଥିବା ଅର୍ଥର ଭରଣା ଓ ସେମାନେ ବିନିଯୋଗ କରୁଥିବା ସମୟ ପାଇଁ କିଛି ଦେୟ ନଦେଇ ପରିବେଶ ନ୍ୟାୟ ସମ୍ପର୍କୀତ କଷ୍ଟସାଧ୍ୟ କାର୍ଯ୍ୟ ସେମାନଙ୍କଠାରୁ ଆଶା କରିବା ଅନୁଚିତ୍ ଓ/ଏବଂ ଅଯୌକ୍ତିକ।



**ଆଇନସହାୟକ ଚୟନ ପ୍ରକ୍ରିୟାରେ ନିମ୍ନଲିଖିତ ପଦକ୍ଷେପଗୁଡ଼ିକ ଭିନ୍ନ ଭିନ୍ନ ପର୍ଯ୍ୟାୟର  ଅଂଶ ଅଟନ୍ତି ।**

## ନିଯୁକ୍ତି ଘୋଷଣା

ଆବଶ୍ୟକୀୟ ଯୋଗ୍ୟତା ଏବଂ ନିପୁଣତା, କାର୍ଯ୍ୟପରିସରର ସର୍ତ୍ତ, ନିଯୁକ୍ତିର ଅବଧି ଏବଂ ଅନ୍ୟାନ୍ୟ ସବିଶେଷ ସୂଚନାକୁ ବ୍ୟକ୍ତ କରି ଏକ ଘୋଷଣାନାମା ପ୍ରସ୍ତୁତ କରିବା ଆବଶ୍ୟକ। ଏହି ଘୋଷଣାନାମାକୁ ବ୍ୟାପକ ରୂପେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଏବଂ ତତ୍‌ସହିତ ସାମାଜିକ କାର୍ଯ୍ୟ, ଆଇନ ଓ ସାମାଜିକ ବିଜ୍ଞାନ ବିଭାଗରେ ପ୍ରଚାର କରାଯିବା ଉଚିତ୍। ଅନ୍ୟ ମାଧ୍ୟମ ଯଥା- ମହାବିଦ୍ୟାଳୟରେ ପ୍ରଚାରପତ୍ର ବଣ୍ଟନ, ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କର ସହ ଆଲୋଚନା ଏବଂ କାର୍ଯ୍ୟରତ ଆଇନସହାୟକମାନଙ୍କର ଦ୍ୱାରା ଖବରପ୍ରସାରଣ ଜରିଆରେ ଏହାର ପ୍ରସାରଣ କରାଯାଇପାରିବ। ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସେମାନଙ୍କର ଶିକ୍ଷା ଓ ଜୀବନବୃତ୍ତାନ୍ତର ସଂକ୍ଷିପ୍ତ ବିବରଣୀ (Curriculum Vitae), ଆବେଦନ ଚିଠି (Covering letter) ଏବଂ ତାଙ୍କ ସହ ପରିଚିତ ବ୍ୟକ୍ତିଙ୍କର ସୂଚନା ଓ ଠିକଣା ପଠାଇବା ପାଇଁ ଅନୁରୋଧ କରାଯିବ।

## ଚୟନ ପାଇଁ ବଛାଯାଇଥିବା ପ୍ରାର୍ଥୀଙ୍କ ତାଲିକା ପ୍ରସ୍ତୁତି

ଆବେଦନକରିଥିବା ପ୍ରାର୍ଥୀମାନଙ୍କୁ ମଧ୍ୟରୁ ଚୟନ ପାଇଁ ବାଛିବାରେ ପ୍ରାର୍ଥୀମାନଙ୍କର ଆବେଦନକୁ ସେମାନଙ୍କର ଅଭିଜ୍ଞତା, ଶିକ୍ଷାଗତ ଯୋଗ୍ୟତା, ଲେଖିବାର ନିପୁଣତା (ଆବେଦନ ପତ୍ର ଲେଖା ମାଧ୍ୟମରେ ଆକଳନ କରାଯିବ) ରହୁଥିବା ସ୍ଥାନ (କ୍ଷେତ୍ରର ସ୍ଥିତି ଅନୁଯାୟୀ), ପରିଚିତ ବ୍ୟକ୍ତିଙ୍କ ସୂଚନା ଓ ଠିକଣା ଏବଂ କାର୍ଯ୍ୟପ୍ରତି ଇଚ୍ଛୁକତା ଆଧାରରେ ଆକଳନ କରାଯିବ।

## ପରୀକ୍ଷା ଓ ସାକ୍ଷାତକାର

ଚୟନ ପାଇଁ ବଛାଯାଇଥିବା ପ୍ରାର୍ଥୀମାନଙ୍କୁ ପରୀକ୍ଷା ଦେବାପାଇଁ ଡ଼କାଯିବ। ପ୍ରଥମ ପର୍ଯ୍ୟାୟରେ ସେମାନଙ୍କୁ ଲିଖିତ ପରୀକ୍ଷା ଦେବାପାଇଁ କୁହାଯାଇପାରେ ଯେଉଁଥିରେ ଆରଟିଆଇ ଆବେଦନ ପ୍ରସ୍ତୁତି ଏବଂ ତାଙ୍କ ଅଞ୍ଚଳର ପରିବେଶ ନ୍ୟାୟ ସମ୍ପର୍କୀତ ଜନଉଦ୍‌ବେଗ ବିଷୟରେ ପ୍ରବନ୍ଧ ଲେଖିବାକୁ କୁହାଯାଇପାରେ। ଜନଉଦ୍‌ବେଗ ବିଷୟରେ ଲେଖାଯିବାକୁ ଥିବା ପ୍ରବନ୍ଧରେ ସେମାନଙ୍କୁ ସମସ୍ୟା ବକ୍ତବ୍ୟ, ଯେଉଁ ଆଇନ ବଳରେ ଏହାର ସମାଧାନ କରାଯାଇପାରିବ ତାହାର ଉଲ୍ଲେଖ ଓ ସମ୍ଭାବ୍ୟ ପ୍ରତିକାର ବାବଦରେ ଲେଖିବା ପାଇଁ କୁହାଯିବ। ଲିଖିତ ପରୀକ୍ଷାରେ ସେମାନଙ୍କୁ ସେମାନେ ବାସ କରୁଥିବା ଅଞ୍ଚଳର ସମସ୍ୟାକୁ ଉଲ୍ଲେଖ କରି ସଂପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ଏକ ଅଭିଯୋଗପତ୍ର ଲେଖିବାକୁ କୁହାଯାଇପାରେ। ଆରଟିଆଇ ଆବେଦନ, ଚିଠି ଏବଂ ପ୍ରବନ୍ଧକୁ ତର୍କ ବା ଯୁକ୍ତି, ଭାଷା ଓ ଅଭିବ୍ୟକ୍ତିର ସ୍ୱଚ୍ଛତା ଓ  ସାବଲୀଳତା ଆଧାରରେ ଆକଳନ କରାଯିବ।

ଦ୍ୱିତୀୟ ପର୍ଯ୍ୟାୟରେ ମୌଖିକ ପରୀକ୍ଷା କରାଯିବ। ଏହା ସମୂହ ଆଲୋଚ଼ନା ଓ ସାକ୍ଷାତକାର ହୋଇପାରେ। ଏହା ପ୍ରାର୍ଥୀମାନଙ୍କୁ ସେମାନଙ୍କର ଆତ୍ମବିଶ୍ୱାସ, ତତ୍‌କାଳୀନ ଘଟଣା ଏବଂ ଯେଉଁ ଅଞ୍ଚଳରେ ସେମାନେ କାମ କରିବେ ତାହାର ଜ୍ଞାନ ଆଧାରରେ ନମ୍ବର ପାଇବାର ସୁଯୋଗ ପ୍ରଦାନ କରିବ। ସମସ୍ତ ପ୍ରାପ୍ତ ନମ୍ବରକୁ ମିଶାଇ ଶେଷ ପର୍ଯ୍ୟାୟର ଚୟନ କରାଯିବ। ନିଯୁକ୍ତି ଘୋଷଣାଠାରୁ ଆରମ୍ଭ କରି ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ଯାଏ ୪୫ ଦିନ ସମୟ ଲାଗିଥାଏ।



ଗୁଜୁରାଟର ସୌରାଷ୍ଟ୍ରରେ ସହାୟକ ଗୋଷ୍ଠୀମାନଙ୍କର ସଂଘ ଗଠନ ପାଇଁ ଆୟୋଜିତ ସଭା

## ତାଲିମ

ଚୟନ ପରେ ଆଇନସହାୟକ ଅବଲମ୍ବନ କରିବାକୁ ପଡୁଥିବା ପଦ୍ଧତି, ସମସ୍ୟା ସମାଧାନ କୌଶଳ ଏବଂ ଗୁରୁତ୍ୱପୂର୍ଣ୍ଣ ପରିବେଶ ଆଇନ / ନୀତିନିୟମ ବିଷୟରେ ତାଲିମ ନେବା ଆବଶ୍ୟକ। ତାଲିମର ପ୍ରାଥମିକ ପର୍ଯ୍ୟାୟ ଶ୍ରେଣୀଗୃହ ତାଲିମ ଏବଂ ଏହା ମଧ୍ୟରେ ବ୍ୟାଖ୍ୟାନ ବା ଅଧ୍ୟାପନ, ବିଷୟ ଉପସ୍ଥାପନ ଏବଂ ପ୍ରୟୋଗକୁ ଅନ୍ତର୍ଭୁକ୍ତ କରାଯିବ। ତାଲିମ ଅବଧିରେ କାର୍ଯ୍ୟକ୍ଷେତ୍ରରୁ ଶିକ୍ଷାକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯିବ। ନୂତନ ଭାବେ ନିଯୁକ୍ତି ପାଇଥିବା ଆଇନସହାୟକମାନେ ସେମାନଙ୍କର ବରିଷ୍ଠ ଆଇନସହାୟକମାନଙ୍କ ସହ ମିଶି ସରକାରୀ କାର୍ଯ୍ୟାଳୟ ଏବଂ ମହକିଲ  ଏବଂ ଗୋଷ୍ଠୀ ସହାୟକ ମାନଙ୍କର ସହ ଭେଟ କରିବାକୁ ଯିବେ ଏବଂ ତତ୍‌କାଳୀନ ମାମଲା / ସମସ୍ୟାର ସମାଧାନ କ୍ଷେତ୍ରରେ ସହଯୋଗ କରିବେ। କାର୍ଯ୍ୟକ୍ଷେତ୍ର ଆଧାରିତ ତାଲିମ ପାଖାପାଖି ୯୦ଦିନ ସମୟ ନେଇଥାଏ ଯାହାପରେ ନୂଆ ଆଇନସହାୟକମାନେ ନିଜ ନିଜର ମାମଲାରେ କାମ କରିବା ଆରମ୍ଭ କରନ୍ତି।

ଆଇନସହାୟକମାନଙ୍କୁ ସେମାନଙ୍କର ଆଇନ ସମ୍ବନ୍ଧୀୟ ଜ୍ଞାନ ବୃଦ୍ଧି, ମାମଲା ସଂକ୍ରାନ୍ତରେ ଆଲୋଚନା ଓ ମାମଲା ସମ୍ପର୍କୀତ କାର୍ଯ୍ୟ ସମ୍ପାଦନ ପଦ୍ଧତି, ଗୋଷ୍ଠୀକୁ ସଂଗଠିତ କରିବାରେ ନିପୁଣତା, ସାକ୍ଷ୍ୟପ୍ରମାଣ ସଂଗ୍ରହ ପାଇଁ ଉପକରଣ / ପଦ୍ଧତିର ବ୍ୟବହାର ଓ ପରିବେଶ ବିଷୟକ ଜ୍ଞାନର ବୃଦ୍ଧି ପାଇଁ ଅତିକମ୍‌ରେ ବର୍ଷକୁ ଥରେ "ପୁନଃ ନବୀକରଣ ପାଠ୍ୟକ୍ରମ" (Refresher) କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏହି "ପୁନଃ ନବୀକରଣ ପାଠ୍ୟକ୍ରମ" ତାଲିମ ଆଇନସହାୟକ ମାନଙ୍କର ନିରନ୍ତର ଶିକ୍ଷାଲାଭ, ସେମାନଙ୍କର ଜ୍ଞାନବୃଦ୍ଧି ଏବଂ ମାମଲା କାର୍ଯ୍ୟ ସମ୍ପାଦନରେ ନିପୁଣତା ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ।

ଆଇନସହାୟକ ତାଲିମ ନମୁନା କାର୍ଯ୍ୟସୂଚୀ ପାଇଁ ପରିଶିଷ୍ଟ-୩ ଦେଖନ୍ତୁ



**ଆଇନସହାୟକ ମାନେ କାମକରୁଥିବା ମାମଲାର ତାଲିକା, ମାମଲାର କିସମ ଓ ଯେଉଁ କିସମର ଅନୁଷ୍ଠାନ ସହ ସେମାନେ କାମ କରୁଛନ୍ତି ତାହା ଉପରେ ତାଲିମ ପାଠ୍ୟକ୍ରମ ପର୍ଯ୍ୟବେସିତ ହେବା ଉଚିତ୍। ତାଲିମ ପଦ୍ଧତି ଆଦର୍ଶଗତ ଭାବେ ପଠନ ଓ ମାମଲାର ପ୍ରୟୋଗ, ବ୍ୟକ୍ତିଗତ ଓ ସାମୁହିକ ବିଷୟ ଉପସ୍ଥାପନା, ଆଇନ ସମ୍ବନ୍ଧୀୟ ଜ୍ଞାନ ପରୀକ୍ଷା ଏବଂ ତର୍କ ଆଲୋଚନାକୁ ଅନ୍ତର୍ଭୁକ୍ତ କରିବା ଉଚିତ୍ ଯାହାକି ଆଇନସହାୟକମାନଙ୍କୁ ସେମାନଙ୍କର ଜ୍ଞାନ ପ୍ରଦର୍ଶନ କରିବାରେ ସହାୟକ ହେବ।**

ତାଲିମ ପାଇଁ ଆଇନ ବିଷୟକ କ୍ଷୁଦ୍ରପୁସ୍ତିକା, ପଦ୍ଧତି ବିଷୟକ ମାର୍ଗଦର୍ଶୀକା ଏବଂ ଅନ୍ୟାନ୍ୟ କ୍ଷୁଦ୍ରପୁସ୍ତିକା ପ୍ରସ୍ତୁତି ଓ ତାଲିମରେ ଏହାର ବ୍ୟବହାର ବିଶେଷଭାବେ ଉପଯୋଗୀ ଯାହାକୁ କି ଆଇନସହାୟକମାନେ କାମ କରିବା ବେଳେ ଦରକାରୀ ପୁସ୍ତକ ରୂପେ ବ୍ୟବହାର କରିପାରିବେ। ଏହାର ଛପା ଓ ପ୍ରକାଶନ ସରଳ ଓ ସହଜ ଭାବରେ ପଢ଼ିହେବା ପରି ରୂପରେଖ ସହ ହେବା ଆବଶ୍ୟକ ଯାହାର ମଝିରେ ମଝିରେ ନବୀକରଣ ମଧ୍ୟ କରାଯାଇପାରିବ। ନୂତନ କିସମର ମାମଲା ବା ଅନ୍ୟାନ୍ୟ ସଯତ୍ନ ବିଚାରକୁ ଦୃଷ୍ଟିରେ ରଖି ଏହା ଆଇନର ପରିବର୍ତ୍ତନ ଓ ଆଇନ ସହାୟକଙ୍କର କାର୍ଯ୍ୟପଦ୍ଧତିରେ ପରିବର୍ତ୍ତନକୁ ସ୍ଥାନ ଦେଇପାରୁଥିବା ଉଚିତ୍। ସାପ୍ତାହିକ ନିରୀକ୍ଷଣ ଓ ମାସିକ ସଭା ମାଧ୍ୟମରେ ଆଇନସହାୟକଙ୍କୁ ସଂଯୋଜକ ବା ସଂଯୋଜକମାନେ ସହାୟତା ପ୍ରଦାନ କରିବା ବା ସେମାନଙ୍କର କାର୍ଯ୍ୟର ତଦାରଖ କରିବା ଉଚିତ୍। ପୂର୍ଣ୍ଣ ସମୟ ଦେଉଥିବା ପ୍ରତି ୬ରୁ ୮ଜଣ ଆଇନସହାୟକଙ୍କୁ ଜଣେ ସଂଯୋଜକ ତଦାରଖ କରିପାରିବେ।



ଓଡ଼ିଶାରେ ଆଇନସହାୟକମାନଙ୍କର ମାମଲାକୁ ଆଧାର କରି ଦଳସ୍ତରୀୟ ତାଲିମ କାର୍ଯ୍ୟକ୍ରମ



# 4.2 ତଦାରଖ ଓ ସହାୟତା ପ୍ରଦାନ

କାର୍ଯ୍ୟକ୍ରମର ସଂଯୋଜକମାନେ ଆଇନ ବିଷୟକ ଜ୍ଞାନ, ଗବେଷଣା ପଦ୍ଧତି ଏବଂ ଜନଗୋଷ୍ଠୀ ନିର୍ମାଣରେ ସିଦ୍ଧହସ୍ତ ହୋଇଥାନ୍ତି । ଯେଉଁ କ୍ଷେତ୍ରରେ ସଂଯୋଜକ ଆଇନସହାୟକମାନଙ୍କର ଠାରୁ ଦୂରରେ ଥାଆନ୍ତି ସେ କ୍ଷେତ୍ରରେ ସେମାନେ ସାପ୍ତାହିକ କାର୍ଯ୍ୟ ତଦାରଖ ଟେଲିଫୋନ୍ ମାଧ୍ୟମରେ କରିଥାନ୍ତି । ଅନ୍ୟାନ୍ୟ କ୍ଷେତ୍ରରେ, ସଂଯୋଜକ ଓ ଆଇନସହାୟକମାନେ ପ୍ରତି ସପ୍ତାହରେ ଏକତ୍ର ହୋଇଥାନ୍ତି । ଯେଉଁ କ୍ଷେତ୍ରରେ ସମ୍ଭବ ସେକ୍ଷେତ୍ରରେ ସଂଯୋଜକ କ୍ଷେତ୍ର ପରିଦର୍ଶନ ଓ ଆଇନ ସହାୟକମାନଙ୍କର ସମୂହ ସଭାର ଆୟୋଜନ କରିପାରନ୍ତି । ମୌଳିକତଃ, ସଂଯୋଜକମାନଙ୍କର ଆଇନସହାୟକମାନଙ୍କୁ ନ୍ୟାୟିକ ସୂଚନା ପ୍ରଦାନ, ପ୍ରତିକାର ହାସଲ ପାଇଁ ପନ୍ଥା / ଉପାୟ ସମ୍ବନ୍ଧୀୟ ଜ୍ଞାନ ଓ କୌଶଳ ପ୍ରଦାନ ଏବଂ ମାମଲା ଗୁଡ଼ିକର ତଥ୍ୟ/ ସୂଚନା ଏକତ୍ରୀକରଣ ପରି ତିନୋଟି କ୍ଷେତ୍ରରେ ପ୍ରମୁଖ ଭୂମିକା ଥାଏ । ଏହା ସାପ୍ତାହିକ ଏବଂ ମାସିକ ବିବରଣୀ ପ୍ରଦାନ ମାଧ୍ୟମରେ ସମ୍ପାଦନ କରାଯାଇଥାଏ ।

## ସାପ୍ତାହିକ ବିବରଣୀ ପ୍ରଦାନ

ଆଇନସହାୟକମାନେ ସେମାନଙ୍କର ତଦାରଖକାରୀ ବା ସଂଯୋଜକଙ୍କୁ ମାମଲାର ଅଗ୍ରଗତି ବାବଦରେ ସପ୍ତାହକୁ ଥରେ ବିବରଣୀ ପ୍ରଦାନ କରିପାରନ୍ତି । ଅପଣାଯାଇଥିବା ରଣକୌଶଳ, ସେମାନେ ନେଇଥିବା ପଦକ୍ଷେପ ଏବଂ ସରକାରୀ ପ୍ରତିଷ୍ଠାନ ଦେଇଥିବା ଜବାବ ବାବଦରେ ଆଲୋଚନା ସହ ପରବର୍ତ୍ତୀ ପଦକ୍ଷେପ ବାବଦରେ ଯୋଜନା କରାଯାଇପାରେ । ସାପ୍ତାହିକ ବିବରଣୀ ନିମ୍ନଲିଖିତ ବିଷୟବସ୍ତୁ ଧାରଣ କରିଥାଏ ।

- ତତ୍କାଳୀନ ମାମଲାଗୁଡ଼ିକର ନିର୍ଯ୍ୟାସ ଯେଉଁଥିରେ ପୂର୍ବ ସପ୍ତାହରେ ସମ୍ପାଦିତ ହୋଇଥିବା କାର୍ଯ୍ୟ ଏବଂ ଆସନ୍ତା ସପ୍ତାହରେ ଯୋଜନା କରାଯାଇଥିବା କାର୍ଯ୍ୟ ଉପରେ ଆଲୋକପାତ କରାଯିବ
- ନୂଆ କିମ୍ବା ପ୍ରଚ୍ଛନ୍ନ ମାମଲାର ଟିକିନିଖି ସୂଚନା
- ସମାଧାନ ହୋଇସାରିଥିବା / ସମାପ୍ତ ହୋଇଥିବା / ନିଷ୍କ୍ରିୟ ମାମଲା ଗୁଡ଼ିକର ବର୍ତ୍ତମାନ ସ୍ଥିତି
- ଅନ୍ୟାନ୍ୟ ସମ୍ପାଦିତ କାର୍ଯ୍ୟ



**ଅଗ୍ରଗତିର ପର୍ଯ୍ୟବେକ୍ଷଣ ସମ୍ପର୍କୀତ ସାଧାରଣ ଉଦ୍ଦେଶ୍ୟ ସାଧନ ହେବା ସହିତ ଏହା ଆଇନସହାୟକ ଓ ସଂଯୋଜକଙ୍କୁ ଭବିଷ୍ୟତର ପଦକ୍ଷେପ ଏବଂ ସୃଜନଶୀଳ ପ୍ରତିକାର ଯାହାର କଷ୍ଟସାଧ୍ୟ ମାମଲାରେ ପରୀକ୍ଷା ହେବ ସେବିଷୟରେ ଆଲୋଚନା କରିବା ପାଇଁ ସୁଯୋଗ ପ୍ରଦାନ କରେ । ଏହି ପ୍ରକ୍ରିୟା ମାଧ୍ୟମରେ ଉତ୍ପନ୍ନ ମତାମତ କ୍ଷିପ୍ର ଏବଂ ଏହା ସମସ୍ୟାର ସମାଧାନ/ ପ୍ରତିକାର ଯଥାସମ୍ଭବ ଶିଘ୍ର କରିବା ଦ୍ୱାରା ମାମଲାର ସଠିକ ଅଗ୍ରଗତିରେ ସହାୟକ ହୋଇଥାଏ ।**


## ମାସିକ ସଭା

ସମସ୍ତ ଆଇନସହାୟକମାନଙ୍କୁ ପ୍ରତ୍ୟେକ ମାସରେ ଗୋଟିଏ ସ୍ଥାନରେ ଏକାଠି କରି ଆଲୋଚନା ସଭାର ଆୟୋଜନ କରିବା ସଂଯୋଜକଙ୍କର ପାଇଁ ଫଳପ୍ରଦ ହୋଇଥାଏ । ଏହା ଆଇନସହାୟକମାନଙ୍କର ପାଇଁ ଏକ ମଞ୍ଚ ରୂପେ କାର୍ଯ୍ୟ କରିଥାଏ; ଯେଉଁଠାରେ ସେମାନେ ପରସ୍ପରଠାରୁ ମାମଲା ବାବଦରେ ଶିକ୍ଷାଲାଭ କରିଥାନ୍ତି ଏବଂ ସମ୍ମିଳିତ ଭାବେ ସମ୍ଭାବ୍ୟ ସମାଧାନ ବାବଦରେ ଚିନ୍ତନ କରିଥାନ୍ତି ଓ ସେମାନେ କାର୍ଯ୍ୟ କରୁଥିବା ମାମଲାଗୁଡ଼ିକର ଅଗ୍ରଗତିର ପର୍ଯ୍ୟବେକ୍ଷଣ କରିଥାନ୍ତି । ଏହି ମାସିକ ଆଲୋଚନା ସଭା ସମଉପାଧିଧାରୀଙ୍କ ମଧ୍ୟରେ ଶିକ୍ଷାଗ୍ରହଣ ଏବଂ ଆଲୋଚନା ସଭା ପରିଚାଳନା କରିବା ଓ ମାମଲା ବିଷୟରେ ଆଲୋଚନା କରିବାର ଦକ୍ଷତାକୁ ପରିମାର୍ଜିତ କରିଥାଏ । ମାମଲାର ଫର୍ମ ଓ ଦଲିଲ୍ ଦସ୍ତାବିଜକୁ ଏହି ଆଲୋଚନାରେ ବ୍ୟବହାର କରାଯାଇପାରେ ।

ସାପ୍ତାହିକ ଓ ମାସିକ ଆଲୋଚନା ଛଡ଼ା ଆଇନସହାୟକମାନେ ମାମଲାର ସମାଧାନ ସମ୍ବନ୍ଧୀୟ ପରାମର୍ଶ ପାଇଁ ସଂଯୋଜକଙ୍କର ସହ ଯୋଗାଯୋଗ କରିପାରିବେ । ପୂର୍ବରୁ ଯୋଜନା କରାଯାଇଥିବା ପଦକ୍ଷେପ ଫଳପ୍ରଦ ନହେଲେ ଏବଂ ନୂତନ କୌଶଳ ଅବଲମ୍ବନର ଆବଶ୍ୟକତା ଥିଲେ ଏପରି କରିବା ନିର୍ଦ୍ଧିଷ୍ଟ ରୂପେ ଗ୍ରହଣୀୟ ।



ପ୍ରକଳ୍ପ ଦ୍ୱାରା ହେଉଥିବା ସର୍ତ୍ତ ଅବମାନନା ଉପରେ ନଜର ରଖିବା ପାଇଁ ଉପକରଣ, କମ୍ପ୍ଲିଆନ୍ସ କ୍ରାଉଡସୋର୍ସିଙ୍ଗ୍ ୱେବ୍‌ସାଇଟର ବ୍ୟବହାର ଉପରେ ଆୟୋଜିତ ଆଞ୍ଚଳିକ ତାଲିମ କାର୍ଯ୍ୟକ୍ରମ



ଗୁଜୁରାଟରେ ଜଣେ ଆଇନସହାୟକ ତଦାରଖକାରୀ ଆଇନସହାୟକଙ୍କୁ ମାମଲା ସମ୍ବନ୍ଧୀୟ ଅନ୍‌ଲାଇନ୍ ଡାଟାବେସ୍‌ରେ ମାମଲାର ସୂଚନା ଲିପିବଦ୍ଧ କରିବାରେ ସହାୟତା ପ୍ରଦାନ କରୁଛନ୍ତି


## ଗବେଷଣା ନିମନ୍ତେ ସହାୟତା

ମାମଲାର ବିଶ୍ଳେଷଣ ଓ ମାମଲା କିପରି ଅଗ୍ରଗତି କରୁଛି ତାହା ଉପରେ ଗବେଷଣା କରୁଥିବା ଗବେଷକ ଦଳ, ସଂଯୋଜକ ଓ ଆଇନସହାୟକ ଦଳଙ୍କୁ ସହାୟତା ପ୍ରଦାନ ଅତ୍ୟନ୍ତ ମୂଲ୍ୟବାନ। ଗବେଷକ ଦଳ ଆଇନସହାୟକଙ୍କଠାରୁ ସାପ୍ତାହିକ ବିବରଣୀ ଗ୍ରହଣ କରିପାରିବେ ଓ ମାସିକ ଆଲୋଚନା ସଭାରେ ଯୋଗ ଦେଇପାରିବେ। ମାମଲା ଗୁଡ଼ିକର ତଥ୍ୟ ଉପରେ ସଠିକ୍ ନଜର ରଖି ସଂଗୃହୀତ ତଥ୍ୟକୁ କେସ୍ ଟ୍ରାକିଙ୍ଗ୍ ଫର୍ମ ଓ  ଆକ୍ସନ୍ ଲଗ୍‌ରେ ସଂରକ୍ଷିତ କରି ଏହାକୁ  ମାମଲା ତଥ୍ୟାବଳୀରେ ସମାହିତ କରାଯାଇପାରେ। ଏହି ତଥ୍ୟାବଳୀ ମୂଲ୍ୟବାନ ସୂଚନା ପ୍ରଦାନ କରିଥାଏ।

ଉଦାହରଣ ସ୍ୱରୂପ; ୨୦୧୪ ମସିହାରେ ମାମଲାଗୁଡ଼ିକର ତଥ୍ୟାବଳୀରୁ ଜଣାପଡ଼ିଲା ଯେ ଗୋଟିଏ ଆଇନସହାୟକ ଦଳ ୩୩ ପ୍ରତିଶତ ସଫଳତା ହାସଲ କରିଛି। ତଥ୍ୟାବଳୀରୁ ଆହୁରି ମଧ୍ୟ ଜଣାପଡ଼ିଲା ଯେ ମାମଲା କିସମ ଅନୁଯାୟୀ ତଟ ଅଞ୍ଚଳରେ ବାସକରୁଥିବା ବାସିନ୍ଦାମାନଙ୍କର ସିଆର୍‌ଜେଡ୍ ଅନୁମତି ପାଇବାରେ ସହାୟତା ପ୍ରଦାନ ସବୁଠାରୁ ସଫଳ ମାମଲା। ସମସ୍ୟାର ସମାଧାନ ପାଇଁ ଅତିକମ୍‌ରେ ଦୁଇ ତିନୋଟି ପ୍ରତିଷ୍ଠାନକୁ ଯୋଗାଯୋଗ କରାବାକୁ ପଡ଼େ।


**ମାମଲାରୁ ମିଳିଥିବା ତଥ୍ୟ ଆଇନସହାୟକ ଆପଣାଉଥିବା ପଦ୍ଧତି ଓ ସେମାନଙ୍କର କାର୍ଯ୍ୟସମ୍ପାଦନକୁ ସମୃଦ୍ଧ କରିବା ପାଇଁ ବ୍ୟବହାର କରାଯାଇପାରେ। ଆହୁରି ମଧ୍ୟ ଏହାକୁ ଆଇନ/ନୀତିନିୟମ ଓ ପ୍ରତିଷ୍ଠାନର କାର୍ଯ୍ୟଶୈଳୀରେ ଢ଼ାଞ୍ଚାଗତ ପରିବର୍ତ୍ତନ ଆଣିବା ପାଇଁ ସାକ୍ଷ୍ୟପ୍ରମାଣ ଭିତ୍ତିକ ପ୍ରସ୍ତାବନା ପ୍ରସ୍ତୁତ କରିବାରେ ବ୍ୟବହାର କରାଯାଇପାରେ।**

ଉଦାହରଣ ସ୍ୱରୂପ; ତଥ୍ୟରୁ ଜଣାପଡ଼ିଲା ଯେ ଭାରତରେ ଆଇନସହାୟକମାନେ ଏପରି ମାମଲାର ସମ୍ମୁଖୀନ ହେଉଛନ୍ତି ଯେଉଁଥିରେ ମତ୍ସ୍ୟଜୀବି ଓ କୃଷକମାନେ ପରିବେଶ ମଞ୍ଜୁରୀ ସର୍ତ୍ତର ଅବମାନନା ଯୋଗୁଁ ପ୍ରଭାବିତ ହେଉଛନ୍ତି। ଏହି ସୂଚନାର ଆଧାରରେ କାର୍ଯ୍ୟକ୍ରମ ଅଧିନରେ ଆଇନସହାୟକମାନଙ୍କର ପାଇଁ ପରିବେଶ ପ୍ରଭାବ ଆକଳନ (Environmental Impact Assessment) ପ୍ରକ୍ରିୟା ବିଷୟରେ ଏକ ତାଲିମ ପାଠ୍ୟକ୍ରମ ପ୍ରସ୍ତୁତ ଓ କାର୍ଯ୍ୟକାରୀ କରାଗଲା। ଏହାପରଠାରୁ ସରକାର ବା ବ୍ୟବସାୟିକ ପ୍ରତିଷ୍ଠାନ ସର୍ତ୍ତାବଳୀରେ ଉଲ୍ଲେଖ କରାଯାଇଥିବା ପରିବେଶ ସୁରକ୍ଷା ପ୍ରବନ୍ଧନକୁ ଭଙ୍ଗ କରିବା ସମ୍ବନ୍ଧୀୟ ମାମଲାରେ ସଫଳତା ବୃଦ୍ଧି ଘଟିଛି। ତଥ୍ୟାବଳୀକୁ ବ୍ୟବହାର କରି ନିୟମିତ ସମୟ ବ୍ୟବଧାନରେ ରିପୋର୍ଟ ପ୍ରସ୍ତୁତ କରାଯାଇପାରେ ଯାହା ପ୍ରତ୍ୟେକ ମାମଲାର ବିଭିନ୍ନ ପରିମାପକ ସମ୍ପର୍କୀତ ସୂଚନାକୁ ସମ୍ମିଳିତ କରିବାରେ ସାହାଯ୍ୟ କରିବ।









| | | CPR -NAMATI Environment Justice Database Tracker | | | | | | |
|---|---|---|---|---|---|---|---|---|
| 1 | GJ 1 | Dalda Bandar | Hasmukh | Awaiting directions of action after the concerned department has acknowldged the problem | 08-05-2016 | | 16-06-2016 | Partia |
| 2 | GJ 2 | DLCC Devbhumi Dwaraka | Hasmukh | Awaiting enforcement after the concerned department has issued directions of action | | | | Partia |
| 3 | GJ 3 | DLCC Geer Somnath | Manish Thavar | | | | | Full v |
| 4 | GJ 4 | DLCC Valsad | Manisha Goswami | | | | | Full v |
| 5 | GJ 5 | CVCA- Kutch | Meenakshi Kapoor | Awaiting for the concerned department to acknowldge the problem | | | | |
| 6 | GJ 6 | Coal Handaling Guide line | Bharat Patel | | | | | Full v |

ଭାରତରେ ଆଇନସହାୟକଙ୍କର ମାମଲାର ଡାଟାବେସ୍ ଟ୍ରାକର



ଗୁଜୁରାଟର ସୌରାଷ୍ଟ୍ରରେ ସହାୟକ ଗୋଷ୍ଠୀ ମାନଙ୍କର ସଂଘ ଗଠନ ପାଇଁ  ଆୟୋଜିତ ସଭା

## ସହଯୋଗୀ ଓ ସଂଘ ଗଠନ

ଆଇନସହାୟକମାନଙ୍କର ପାଇଁ ସେମାନଙ୍କର ମହକିଲ ଗୋଷ୍ଠୀ ବା ସହାୟକ ଗୋଷ୍ଠୀମାନଙ୍କୁ ନେଇ ସଂଘ ଗଠନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ମାମଲାରେ ଦେଖାଦେଉଥିବା ଆହ୍ୱାନ ବିଷୟରେ ଆଲୋଚନା, ସମସ୍ୟା/ମାମଲା ସମାଧାନରେ ଦେଖାଦେଉଥିବା ପ୍ରବୃତ୍ତିକୁ ବୁଝିବା, ଉପାୟ/ପନ୍ଥା ବିଷୟରେ ଶିକ୍ଷାର ଆଦାନପ୍ରଦାନ ଏବଂ କେତେକ କିସମର ମାମଲାରେ ସାମୁହିକ ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ବିଷୟକ ଆଲୋଚନା ପାଇଁ ମଞ୍ଚ ହୋଇପାରେ। ମାମଲାକୁ ତ୍ୱରାନ୍ୱିତ କରିପାରୁଥିବା ବ୍ୟକ୍ତିମାନଙ୍କୁ ମାମଲା ସହ ସଂଶ୍ଳିଷ୍ଟ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହି ବ୍ୟକ୍ତିମାନେ ଓକିଲ, ବୈଜ୍ଞାନିକ, ସାମାଜ କର୍ମୀ, ସାମ୍ବାଦିକ, ସାମାଜିକ କାର୍ଯ୍ୟକ୍ଷେତ୍ରରେ ସକ୍ରିୟ ବ୍ୟକ୍ତି, ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧି, ରାଜନୀତିଜ୍ଞ ବା ବେସରକାରୀ ଅନୁଷ୍ଠାନ ପ୍ରତିନିଧି ହୋଇପାରନ୍ତି। ସାଧାରଣତଃ ଏମାନେ ଏପରି ବ୍ୟକ୍ତି/ଅନୁଷ୍ଠାନ ଯେଉଁମାନଙ୍କର ସହଯୋଗ ମାମଲାର ସମାଧାନ ପାଇଁ ଆବଶ୍ୟକ। ମାମଲାର ସଫଳତାକୁ ବଢ଼ାଇବାର ସୁଯୋଗ ବ୍ୟତିରେକ ଏହିସବୁ ବ୍ୟକ୍ତିମାନଙ୍କର ସହ ମିଳାମିଶା ଆଇନସହାୟକ ମାନଙ୍କର ବିଶ୍ୱାସନୀୟତାକୁ ବୃଦ୍ଧି କରିଥାଏ। ଅଭିଜ୍ଞ ଓକିଲ, ବିଷୟ ବିଶାରଦ, ବୈଜ୍ଞାନିକ ଏବଂ ସମାନ କ୍ଷେତ୍ରରେ କାର୍ଯ୍ୟକରୁଥିବା ବେସରକାରୀ ଅନୁଷ୍ଠାନମାନଙ୍କର ସହ ଆଇନସହାୟକ ମିଳାମିଶା କରିବା ପାଇଁ କାର୍ଯ୍ୟକ୍ରମ ସୁଯୋଗ ଓ ମଞ୍ଚ ଯୋଗାଇ ପାରିବ । ଆଇନସହାୟକମାନେ ସେମାନଙ୍କର ସଂଯୋଜକଙ୍କର ସହ ପରାମର୍ଶ କରି ସେହିପରି ବ୍ୟକ୍ତିବିଶେଷଙ୍କୁ ନିମ୍ନଲିଖିତ ପରିପ୍ରେକ୍ଷୀରେ ଯୋଗାଯୋଗ କରିପାରିବେ।


- ଆଇନସହାୟକ ନିଜ ପ୍ରଚେଷ୍ଟାରେ ମାମଲାର ସମାଧାନ କରିପାରୁନାହାଁନ୍ତି
- ମାମଲାର ପ୍ରଭାବ ବିଶେଷଭାବେ ମାରାତ୍ମକ
- ମାମଲାରେ ଏକ ଜରୁରୀ ପରିସ୍ଥିତି ଅଛି
- ମାମଲାରେ ଏକ ବ୍ୟାପକ ନ୍ୟାୟିକ ଫଳାଫଳ ଅଛି

ଏହି ସବୁ ବ୍ୟକ୍ତିବିଶେଷଙ୍କଠାରୁ ସାହାଯ୍ୟ କାର୍ଯ୍ୟକ୍ରମ ଆରମ୍ଭ କରିବା ସମୟରେ, ଆଇନସହାୟକମାନଙ୍କୁ ତାଲିମ ପ୍ରଦାନରେ କିମ୍ବା ଏକ ନିର୍ଦ୍ଦିଷ୍ଟ ସମୟ ଅବଧିରେ ଏକାଠି ହେଉଥିବା ପରାମର୍ଶଦାତା ଗୋଷ୍ଠୀ ରୂପେ ନିଆଯାଇପାରେ। ସେମାନେ ଯେ କେବଳ ଆଇନସହାୟକମାନଙ୍କୁ ସେମାନଙ୍କର କାର୍ଯ୍ୟରେ ସହାୟତା ହେତୁ ମୂଲ୍ୟବାନ ତାହା ନୁହେଁ, ସେମାନେ କାର୍ଯ୍ୟକ୍ରମର ଔପଚାରିକ ବାର୍ତ୍ତାବହ ଏବଂ ସରକାର, ଅର୍ଥପ୍ରଦାନକାରୀ ସଂସ୍ଥା ଓ ଅନ୍ୟାନ୍ୟ ଅନୁଷ୍ଠାନରେ କାର୍ଯ୍ୟକ୍ରମକୁ ଆଦୃତ କରିବା ନିମନ୍ତେ ସୁଯୋଗ ସୃଷ୍ଟିକାରୀ।



## ମୂଲ୍ୟାଙ୍କନ

ଆଇନସହାୟକ କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଫଳପ୍ରଦତାର ମୂଲ୍ୟାଙ୍କନ ବା ଆକଳନ। ଏହା କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ ସମସ୍ତଙ୍କର କାର୍ଯ୍ୟଦକ୍ଷତାରେ ନିରନ୍ତର ଉତ୍କର୍ଷ ବୃଦ୍ଧି ଏବଂ କାର୍ଯ୍ୟକ୍ରମ ଦ୍ୱାରା କଣ ଓ କିପରି ଲକ୍ଷ୍ୟ ହାସଲ କରାଯାଇଅଛି ତାହା ଅନ୍ୟମାନଙ୍କୁ ଜଣାଇବା ପାଇଁ ଉଦ୍ଦିଷ୍ଟ। ମୂଲ୍ୟାଙ୍କନ ପଦ୍ଧତିକୁ ପ୍ରତ୍ୟେକ କେସ୍ ଫର୍ମ ସହ ସନ୍ନିବେଶିତ କରାଯାଇପାରେ କିମ୍ବା ଏହା ଗବେଷକ ଦଳଦ୍ୱାରା ଏକ ଅଲଗା ପ୍ରକଳ୍ପ ହିସାବରେ କରାଯାଇପାରେ କିମ୍ବା ଉଭୟ ପନ୍ଥା ଅପଣାଯାଇପାରେ। ମୂଲ୍ୟାଙ୍କନ ନିର୍ଦ୍ଦିଷ୍ଟ ସମୟ ଅବଧିରେ ଓ ନିୟମିତ କରାଯିବା ଉଚିତ୍, ଯାହାଫଳରେ ଏହା ସଠିକ୍ ସମୟରେ ଓ ଯୁକ୍ତିଯୁକ୍ତ ମତାମତ ଯୋଗାଇ ପାରିବ।




ଭାରତରେ ଆଇନସହାୟକମାନେ କାର୍ଯ୍ୟକରୁଥିବା ମାମଲାଗୁଡ଼ିକର ମଧ୍ୟବର୍ତ୍ତୀ ଆକଳନର ଫଳାଫଳ ବିଷୟକ ଏକ ହସ୍ତନିର୍ମିତ ବିବରଣୀ ଫର୍ଦ୍ଦ



ତଟ ନିୟନ୍ତ୍ରଣ ମଣ୍ଡଳ ଆଇନ କିପରି ମତ୍ସ୍ୟଜୀବିମାନଙ୍କୁ ସାହାଯ୍ୟ କରିପାରିବ ସେବିଷୟରେ ଆଇନସହାୟକ ଓ ସ୍ଥାନୀୟ ନାଟ୍ୟଦଳ କର୍ଣ୍ଣାଟକରେ ପଥପ୍ରାନ୍ତ ନାଟକ ପରିବେଷଣ କରୁଛନ୍ତି

## ପରିଶେଷରେ ପ୍ରତ୍ୟେକ ମାମଲାର ଆକଳନ ତିନୋଟି ସ୍ତରରେ/ବିନ୍ଦୁରେ ହେବା ଆବଶ୍ୟକ ।

### 1 ପ୍ରତିକାର

ଆଇନସହାୟକ ପ୍ରତ୍ୟେକ ମାମଲାରେ ଏକ ସ୍ପଷ୍ଟ ଆଇନ/ନୀତିନିୟମ ପାଳନ ସମ୍ପର୍କୀତ ପ୍ରତିକାର ହାସଲ କରିବା ପାଇଁ ଚେଷ୍ଟା କରିବେ, ଯାହା ବର୍ତ୍ତମାନର ସ୍ଥିତିରେ ପ୍ରଭାବର ଉତ୍ସକୁ ସମ୍ବୋଧନ କରୁଥିବ। ଉଦାହରଣ ସ୍ୱରୂପ; ନିୟମର ପାଳନ ପୂର୍ବକ କୋଇଲା ପରିବହନ କରୁଥିବା ଟ୍ରକମାନେ କୋଇଲାକୁ ଘୋଡ଼ାଇ ନେବା ଆଣିବା କରିବା ଯୋଗୁଁ ବାୟୁରେ ଧୂଳିକଣାକୁ କମ୍ କରିବାକୁ ଆଇନସହାୟକମାନେ ସୁନିଶ୍ଚିତ କରିବେ। କିନ୍ତୁ ଅତୀତରେ ଘଟିଥିବା କ୍ଷତିକୁ ଦୃଷ୍ଟିରେ ରଖି ଆଇନସହାୟକ ଓ ପ୍ରଭାବିତ ଜନଗୋଷ୍ଠୀ କ୍ଷତିପୂରଣ ପରି ଅତିରିକ୍ତ ପ୍ରତିକାର ସୁନିଶ୍ଚିତ କରିପାରିବେ। ଭବିଷ୍ୟତରେ ମଧ୍ୟ ନୀତିନିୟମ /ଆଇନପାଳନକୁ ସୁନିଶ୍ଚିତ କରିବା ପାଇଁ ସେମାନେ ଟ୍ରକ୍‌ରେ କୋଇଲା ପରିବହନ ସମୟରେ କୋଇଲାକୁ ଖୋଲା ନେଉଥିବା ପରିବହନ କମ୍ପାନୀ ଉପରେ ଆର୍ଥିକ ଦଣ୍ଡବିଧାନ କିମ୍ବା ଗୋଷ୍ଠୀ ପରିଚାଳିତ ଯାଞ୍ଚ କେନ୍ଦ୍ର ସ୍ଥାପନ ଯେଉଁଠାରେ ଟ୍ରକ୍ ଯାତ୍ରା ଆରମ୍ଭ କରିବା ପୂର୍ବରୁ ମାଲ୍‌କୁ ଘୋଡ଼ାଇ  ନିଆଯାଉଛି କି ନାହିଁ ତାହା ଯାଞ୍ଚ କରାଯିବା ପରି ପ୍ରତିକାର ବ୍ୟବସ୍ଥା ଲାଗୁ କରିବା ପାଇଁ ଉଦ୍ୟମ କରିପାରନ୍ତି।

ମାମଲା ଯେକୌଣସି ନୀତିନିୟମ ପାଳନ ଏବଂ ଅତିରିକ୍ତ ପ୍ରତିକାର ବ୍ୟବସ୍ଥା ସମ୍ବନ୍ଧୀୟ ଉଦ୍ୟମ ହୋଇଥିଲେ ଏହାକୁ ନିୟମ ଉଲଙ୍ଘନ/ଆବମାନନା ପ୍ରତିରୋଧ କରିବା ଏବଂ ଏହା ଅତୀତ ଏବଂ/ବା ଭବିଷ୍ୟତର ଅହିତର ଭାରକୁ କିପରି ସମ୍ବୋଧନ କରୁଛି ତାହାର ଆଧାରରେ ଆକଳନ କରାଯିବା ଉଚିତ୍। ପରିବେଶ ନ୍ୟାୟ ସମ୍ପର୍କୀତ ମାମଲା/ଘଟଣା ବାରମ୍ବାର ଘଟେ ଓ ଏହିସବୁ ସମସ୍ୟାର ପ୍ରତିକାର/ସମାଧାନ ମଧ୍ୟ  ସ୍ୱଳ୍ପସମୟ ସ୍ଥାୟୀ ହୋଇପାରେ। ଉଦାହରଣ ସ୍ୱରୂପ; ମହକିଲ ଓ ଆଇନସହାୟକମାନଙ୍କର ଉଦ୍ୟମ ବଳରେ ବେଆଇନ ବାଲି ଉତ୍ତୋଳନ ଓ ଭୂଜଳ ଉତ୍ତୋଳନ ବନ୍ଦ ହୋଇଯାଇପାରେ। କିନ୍ତୁ ଏହା ଆଉଥରେ ଆରମ୍ଭ ହୋଇଯିବାର ସମ୍ଭାବନା ଥାଏ। ତେଣୁ ଏକ ପ୍ରତିକାର/ସମାଧାନ କିଛି ନିର୍ଦ୍ଧିଷ୍ଟ ସମୟସୀମା ପର୍ଯ୍ୟନ୍ତ ପ୍ରଚଳିତ ହେବ ବୋଲି ବିଚାରକୁ ନେବା ଆବଶ୍ୟକ। ମାମଲାକୁ ବନ୍ଦ କରିବା ପୂର୍ବରୁ ଆଇନସହାୟକ ଓ ମହକିଲ ନିର୍ଦ୍ଧିଷ୍ଟ ସମୟସୀମା ଅତିକ୍ରାନ୍ତ ହେବାପରେ କ୍ଷେତ୍ର ସମସ୍ୟାକୁ ଆଉଥରେ ଦୃଷ୍ଟିଦେବା ଆବଶ୍ୟକ। ଯଦି ବେଆଇନ କାର୍ଯ୍ୟକଳାପ ଆଉଥରେ ଆରମ୍ଭ ହୁଏ ତେବେ ମାମଲାକୁ ପୁଣିଥରେ ଖୋଲାଯାଏ। କିନ୍ତୁ ଯଦି କାର୍ଯ୍ୟକଳାପ ସମୟସୀମା ଅତିକ୍ରାନ୍ତ ହେବା ପରେ ଦେଖାଦିଏ ତେବେ ଏହାକୁ ନୂଆ ମାମଲା ବୋଲି ବିଚାର କରାଯାଏ।

ଅଧିକାଂଶ କ୍ଷେତ୍ରରେ ଆଂଶିକ ପ୍ରତିକାର ହାସଲ କରିବା ମଧ୍ୟ  ଯଥେଷ୍ଟ ଉଦ୍ୟମ, ସମୟ, ଆଇନର ଜ୍ଞାନ ଏବଂ ଆନୁଷ୍ଠାନିକ ଯୋଗାଯୋଗ ଆବଶ୍ୟକ କରେ। ତେଣୁ ଆଂଶିକ ପ୍ରତିକାର/ସମାଧାନକୁ ସକରାତ୍ମକ ଉନ୍ନତି ବୋଲି ବିବେଚନା କରାଯାଏ।

### 2 ପଦକ୍ଷେପ

ଏହି ସ୍ତରରେ/ପର୍ଯ୍ୟାୟରେ ସମାଧାନ ପାଇଁ ଯାହା ଯାହା ସହଯୋଗ କରିଥାଏ ସେସବୁର ଆକଳନ କରାଯାଇଥାଏ । ଯଦିଓ ଅନେକଗୁଡ଼ିଏ ଉପାଦାନ ମାମଲାର ସମାଧାନକୁ ପ୍ରଭାବିତ କରିଥାଏ, ଆଇନସହାୟକଙ୍କ ଭୂମିକାକୁ ନିରୂପଣ କରିବା ଗୁରୁତ୍ୱପୂର୍ଣ୍ଣ । ମାମଲାକୁ ବନ୍ଦ କରିବା ସମୟରେ ଆଇନସହାୟକ ମାମଲାର ସଫଳ ସମାଧାନରେ ସାକ୍ଷ୍ୟପ୍ରମାଣର ଉପଲବ୍‌ଧତାକୁ ନିଶ୍ଚିତ କରିବା ଉଚିତ୍ । ଏହାକୁ ମହିକିଲ ଓ ସଂଶ୍ଲିଷ୍ଟ ସରକାରୀ ଅଧିକାରୀଙ୍କ ସାକ୍ଷ୍ୟ, ଗଣମାଧ୍ୟମର ରିପୋର୍ଟ କିମ୍ବା ଆର୍‌ଟିଆଇ ଆବେଦନର ସରକାରୀ ଆଦେଶ/ନିର୍ଦ୍ଦେଶ/ଉତ୍ତର ମାଧ୍ୟମରେ ହାସଲ କରାଯାଇପାରେ।

### 3 ନ୍ୟାୟିକ ସଶକ୍ତିକରଣ

ଜନଗୋଷ୍ଠୀ ଓ ପ୍ରଭାବିତ ଜନସାଧାରଣଙ୍କର ଆଇନ ସମ୍ବନ୍ଧୀୟ ଜ୍ଞାନ ଓ ଏହାର ବ୍ୟବହାରର ସାମର୍ଥ୍ୟ ବୃଦ୍ଧି ନ୍ୟାୟିକ ସଶକ୍ତିକରଣ କାର୍ଯ୍ୟକ୍ରମର ପ୍ରମୁଖ ଲକ୍ଷ୍ୟ । ତେଣୁ ଯେଉଁମାନଙ୍କର ସହ ମିଶି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି ସେମାନଙ୍କର ଆଇନ ସମ୍ବନ୍ଧୀୟ ଜ୍ଞାନ ଓ ଦକ୍ଷତା ଆକଳନର ଏକ ପଦ୍ଧତି ନିରୂପଣ ଆଇନସହାୟକଙ୍କ କାର୍ଯ୍ୟ ବା କାର୍ଯ୍ୟକ୍ରମ ମୂଲ୍ୟାଙ୍କନର ଏକ ପ୍ରମୁଖ ଅଂଶ । ଏହା ପ୍ରତ୍ୟେକ ମାମଲା ପାଇଁ ବା ସମକିସମର ଅନେକ ମାମଲାକୁ ନେଇ ବର୍ଗୀକୃତ ନମୁନା ସ୍ତରରେ ହୋଇପାରେ। ମହକିଲ ବା ସହାୟକ ଗୋଷ୍ଠୀଙ୍କର ଆଇନ ସମ୍ବନ୍ଧୀୟ ମାମଲା ସହ ଜଡ଼ିତ ଅନୁଷ୍ଠାନ ବିଷୟରେ ଜ୍ଞାନ ଏବଂ ସମାନ ସମସ୍ୟାର ସମ୍ମୁଖୀନ ହେଉଥିବା ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ବା ଜନଗୋଷ୍ଠୀଙ୍କୁ ସେମାନେ ଏହି ସୂଚନା ପ୍ରଦାନ କରି ସାହାଯ୍ୟ କରିପାରିବାର ସାମର୍ଥ୍ୟକୁ ଦୃଷ୍ଟିରେ ରଖି ଏହାକୁ ଆକଳନ କରାଯାଇପାରିବ। ଆଇନସହାୟକ ଆୟୋଜନ କରିଥିବା ତାଲିମ କାର୍ଯ୍ୟକ୍ରମରେ ଜନଗୋଷ୍ଠୀ ସଦସ୍ୟଙ୍କୁ ସଂଶ୍ଲିଷ୍ଟ କରି  ଆକଳନ କରିବା ଏକ ଉପଯୋଗୀ ଉପାୟ।

**ମାମଲାର ସମାଧାନ ପରେ ମଧ୍ୟ ମହକିଲଙ୍କର ସହ ଯୋଗାଯୋଗ ରକ୍ଷା କରିବା ବାଞ୍ଛନୀୟ । ଏହା ମହକିଲମାନେ ନିଜେ ସମଜାତୀୟ ମାମଲା ସମାଧାନ କରିପାରୁଥିବା ଏବଂ ନିଜେ ଆଇନସହାୟକ ରୂପେ କାର୍ଯ୍ୟକରିପାରିବାର  ସାମର୍ଥ୍ୟ ହାସଲ କରିଥିବା ପରି ଦୃଷ୍ଟାନ୍ତଗୁଡ଼ିକୁ ଅଭିଲିଖିତ କରିବାରେ ସାହାଯ୍ୟ କରେ। ଏପରି ଦୃଷ୍ଟାନ୍ତଗୁଡ଼ିକର ଲିଖିତ ବିବରଣୀ ମୂଲ୍ୟାଙ୍କନକୁ ପୁଷ୍ଟକରେ।**

**ମୂଲ୍ୟାଙ୍କନକୁ ଏକ ନିୟମିତ ଓ କାର୍ଯ୍ୟକ୍ରମର ଉପଯୋଗୀ ଉପାଦାନ ରୂପେ ପ୍ରତିଷ୍ଠିତ କରିବା ପାଇଁ ଏହାକୁ ସହାୟକ ଗୋଷ୍ଠୀ/ମହକିଲ ମାନଙ୍କର ସହ ଆଲୋଚନା ମାଧ୍ୟମରେ କରାଯିବା ଉଚିତ୍ (କର୍ମକର୍ତ୍ତା ଓ  ସମ୍ବଳର ଉପଲବ୍ଧତାର ବାସ୍ତବ ସ୍ଥିତିକୁ ଦୃଷ୍ଟିରେ ରଖି)। "ସଶକ୍ତିକରଣ ପ୍ରଭାବ" ର ଅଧ୍ୟୟନ ସେବାପ୍ରଦାନ କରାଯାଇଥିବା ମହକିଲ ବା ଜନଗୋଷ୍ଠୀଙ୍କର ସାକ୍ଷାତକାର ଓ ପ୍ରଶ୍ନାବଳୀ ମାଧ୍ୟମରେ ତୃତୀୟପକ୍ଷ ଦ୍ୱାରା ମଧ୍ୟ କରାଯାଇପାରେ।**



ପ୍ରତିକାର

ପଦକ୍ଷେପ

ନ୍ୟାୟିକ ସଶକ୍ତିକରଣ



## ପରିଶିଷ୍ଟ 1

# ନୀତି ସୁପାରିଶ ବାବଦରେ ଏକ ନମୁନା ପତ୍ର

प्रणीति अनुसंधान केन्द्र
CENTRE FOR POLICY RESEARCH

Dharma Marg, Chanakyapuri, New Delhi-110021 (India)
Tel : 26115273 - 76 Fax : 91-11-26872746
E-mail: cprindia@vsnl.com Website: www.cprindia.org

7th November 2016

Shri Hardik Shah
Member Secretary, Gujarat Pollution Control Board
Block No: 14/8th Floor, New Sachivalaya
Sector 10 A, Gandhinagar
Phone: 079 2325660, email: hardik_73@yahoo.com

**Subject**: Regarding issuing State Level Mineral Handling Guidelines

Dear Mr Shah,

We are associated with the Centre for Policy Research (CPR)-Namati Environment Justice Program and have been working to address environmental impacts in several parts of coastal Gujarat.Through our work in Gujarat, we have been working with people whose lives and livelihoods have been impacted due to the mishandling of minerals during their mining, transportation and storage. Our experience and documentation is based on handling over ten cases in the Saurashtra coast in the districts of Jamnagar, Devbhoomi dwarka and Junagadh, where there have been instances of complaints being filed to the Gujarat Pollution Control Board (regional and central offices) to address these issues.

This experience has led us to identify that there are no guidelines that address the social and environmental and social impacts arising out of mining, transportation, storage and handling of minerals (other than coal). We have therefore put together suggestions to frame guidelines to mitigate some of these social and environmental impacts for your consideration.

As per Section 17 of the Air (Prevention and Control of Pollution) Act, 1981 the Gujarat Pollution Control Board (GPCB) is responsible for prevention, control and abatement of air pollution and has powers to perform such activities that it thinks are necessary for carrying into effect the purposes of the Act. Similar provisions are also there in Section 17 of the Water (Prevention and Control of Pollution) Act, 1974. Also under Section 31A of the Air Act and Section 33A of the Water Act, GPCB has the power to issue directions to any person, officer or authority, subject to the provisions of the Acts. There is also precedence of the GPCB in issuing Guidelines for Coal Handling Units, which has been extremely useful in mitigating impacts across the states.

We therefore urge the GPCB, using the powers vested to it under the Air and Water Acts to issue Guidelines for storage, transportation and handling of Minerals for the State of Gujarat so as to address the social and environmental impacts on the health, livelihoods & natural resources that are caused while transporting, storing and handling minerals. These guidelines cover minerals such as Bauxite, Bentonite, Limestone, Quartz, but is not limited to these but is extendable to the list of minerals in the annexure, which is reviewed on an annual basis by GPCB.

**SUGGESTED MINERAL HANDLING GUIDELINES**

**The following safeguards and conditions should be made legally binding on anyone who is engaged in mining, storage, transportation and handling of minerals:-**

1. **Citizen's Participation in Monitoring & Enforcement**
   We urge GPCB to use the powers given to it under Section 24 of the Air Act and Section 23 of the Water Act which allows GPCB to empower any person to perform any function entrusted by the Board and allow for citizen's participation in monitoring and enforcement. The GPCB has itself through a circular on 4/2/2016[1] has made way for certification for third party inspection for orange industries, we request the GPCB to expand its definition for better compliance of environmental standards. Besides the use of technology, another effective way for better compliance is by including the active participation of affected communities as third party monitors, who could enhance enforcement through the collection of legally admissible evidence. By empowering the community that are facing the impacts of non-compliance of these guidelines, the GPCB can be assisted in monitoring the enforcement of these guidelines. We would be happy to share our experience of handling close to 10 cases in Gujarat on how community worked with the GPCB in monitoring the implementation of Guidelines on Coal Handling issued by GPCB in 2010. In ten cases, these guidelines have been successfully followed to reduce the impacts arising out of coal handling in ports, coke oven plants, power plants and during transportation.

**2. Transportation of minerals**

(i) All the transport vehicles when loaded with minerals for any kind of transport should be sprinkled with water and sealed tightly with sheets or any other air sealed material so as to ensure that there will be no spillage of minerals.

(ii) Poor conditions of roads are found to have direct linkage with the air pollution levels.[2]The access roads from the mining areas should be concretised. If these roads are not concretised, then measures should be taken to ensure sprinkling of water on these roads by the project proponents. For project proponents having mining leases for more than 30 years, these roads should be compulsorily concretised. As the mining companies are there for a longer period, it will be financially more viable for the company as well as environmentally sound to concretize roads and minimize the environmental impacts.

(iii) The project proponent should mandatorily plant trees of the access roads so as reduce the impacts in case mineral dust falls from the transport vehicles. The trees that are to be planted should be based on the soil type. For example in the coastal areas Sharu (CasuarinaEquisetifolia) can be planted, Piludi (Salvadora) which has a higher survival rate could also be planted[3].The selection of the species for plantation can be done under the

---

[1]http://www.gpcb.gov.in/Portal/News/121_1_343763.pdf
[2] Nair, A. (2016. September 16).Pollution Control Board report: Air pollution on the rise in Gujarat, both in cities and industrial clusters. *The Indian Express*. Retrieved fromhttp://indianexpress.com/article/india/india-news-india/pollution-control-board-report-air-pollution-on-the-rise-in-gujarat-both-in-cities-and-industrial-clusters-3012467/
[3]RajendrasinhMansinhKashtrya v Gujarat Pollution Control Board &Ors, NGT 2013

supervision of a multi village level committee along with the relevant government departments like forest, horticulture.

(iv) Usually the transportation of minerals is done during night time, which makes it difficult to check if the rules are being adhered to. It should be made mandatory that the transportation of minerals occurs during day time, where the plying of the transport vehicles should be staggered, so as to avoid traffic jams. The number of transport vehicles that should ply within a time period can be decided upon after conducting studies by a committee that would be composed of the members from GPCB, the State Transport Department, atleast three local community representatives, members from the local bodies like the nagar palika, gram panchayat.

(v) The vehicles carrying the minerals should not be overloaded, as per the parameters laid down by the Ministry of Road Transport and Highways[4]. Overloading of trucks increases pollution levels[5], it has also been banned by the Supreme Court in 2005[6].

(vi) Electronic Weigh Bridges, should weigh at every centre from where the mineral is loaded and transported, so as to check the overloading of the trucks. Digital data on weight should be directly linked with PCB, which should be made available to the general public.

**3. Storage of minerals**

In this section the storage of minerals includes storage at the place of mining, when used as a raw material, at stockyards, ports, during transit.

(i) The storage of any kind of mineralat the place of mining, where used as a raw material, at ports during transit, for transportation of theses mineralsshould be done in covered structures.Further the storage of the mineral should take place at a height below the level of the wall of the storage area.

(ii) There should be a wall of 9m height to check the escape of dust, as even prescribed in the Coal Handling Guidelines issued by the GPCB on further areas while storage, transport or any related movement.

(iii) Green belts should be developed around the place where the mineral is stored in a radius of atleast 15 m to check the dust pollution due to stronger breeze. The availability of the land for this green belt should be checked before the consent is given.

(iv) Surface water (rains, streams, creeks etc) should be intercepted and diverted from entering the mining site to reduce potential for water contamination. [7]

(v) Rain water should be captured through use of liners and pipes and stored in a tank to prevent the potentially contaminated water from entering groundwater or flowing off site.It needs to be ensured that the water is either used for sprinkling or reused for the company's purposes after treating this water.

---

[4]National Highway Authority letter (2015, March 27) Retrieved from http://nhai.org.in/spw/CorrespondenceIssues/nhai%20l.no.2663..pdf

[5]Overloaded trucks cause more pollution, accidents. (2014, April 29). *The Hindu.* Retrieved fromhttp://www.thehindu.com/todays-paper/tp-national/tp-newdelhi/overloaded-trucks-cause-more-pollution-accidents/article5958270.ece

[6]Government to penalise truck overloading. (2014, July 28). *India Water Portal.*http://indiatransportportal.com/government-to-penalise-truck-overloading-27688

[7]http://www.miningfacts.org/Environment/How-is-water-managed-and-treated-in-mining/ , Lottermoser, B., *Mine Wastes: Characterization, Treatment and Environmental Impacts*, 2012, Springer: New York



(vi) Detailed studies should be conducted by a committee comprising of members from GPCB, atleast 3 local community representatives, local authoritiesto determine the optimum distancefrom farmlands and human settlements. Until such studies are conducted, distances as prescribed under the Coal Handling Guidelines should be used. The minerals should be stored at a distance of atleast 250m from farmlands and human settlements. Any other mining and related activities should be taken place at not less than 500m radius from any water body, historic places, religiously important places, railway lines, schools, universities, colleges, expressway both national and state ways, rivers, etc.

(vii) Water sprinklers/dry fogging system should be installed in the mineral storage areas by the project proponents.

**4. Others**

(i) There should compulsorily be dust controlling units installed in the processing units.

(ii) All the mining rejects should be dumped in one decided place by following the prescribed guidelines that are issued by the State Environment Impact Assessment Authority (SEIAA) or the GPCB.

(iii) It should be ensured that the mine operators all plant grasses, plants and trees in these dumps as per the condition that is given in the Environment Clearance condition prescribed by the SEIAA.

We are willing to share our experience in handling close to 10 cases in Gujarat related to mineral handling with the GPCB. We are also willing to work together with the GPCB in the framing of these guidelines.

Sincerely,

Bharat Patel
Program Manager

Vijay Rathod
Enviro-Legal Coordinator

Hasmukh Dhumadiya
Envrio-Legal Coordinator

Ker Jayendrasinh
Enviro-Legal Coordinator

Kanchi Kohli
Legal Research Director

# ପରିଶିଷ୍ଟ 2

## ଅଭିଯୋଗ ପତ୍ରର ନମୁନା

Shri .V. Thirupugaz
Development Commissioner ( Rural Dev. )
Dr. Jivraj Maheta Bhavan,
Gujarata State
Block No. 16/3, Gandhinagar

Jadeja Natubha Rams
At. Lifra
Ta. Mundra
Dist. Kutch
Date:- 15/09/2014

Dear Mr. Thirupugaz ,

We the under signed people belong to Lifra village of Kutch district. Our village has a population of about 700, most of which are traditionally engaged in occupation of agriculture and animal husbandry. We are able to sustain ourselves and support our families through these occupations. Sir, we would like share with you that we have been using a piece of common land (called'gauchar' locally) at Survey N. 141/ 5 for more than 50 years for grazing our cattle. This common land is critical for us because our animals graze here, we don't have to purchase fodder for them from the market. This reduces our cost and makes animal husbandry a livelihood alternative for us. In our village we have been maintaining peace and harmony, acknowledging and respecting rights of all communities of the village.

Sir, here, we would like to draw your attention to a recent development which has put our traditional occupation under threat. This common land has been allocated to private companies namely (1) Rajendrasinhji Svarajji (2) Gurukrupa mines and co. Ltd. on 25th October 2012 for mining black trap. Apart from being used for animal grazing, there is a check dam constructed by the Gujarat government and a natural water body for the use of cattle. Nine more mining lease proposals for common lands from Lifra village are pending to be considered. Once mining starts, we will not able to graze our cattle there and looking to survive, we may have to move to a new location. It means more than 70% of the families of our village will have to migrate .

Here we would like to share with you that we have already written to the Mamlatdar and District Collector but have not received any satisfactory response. While this problem was still looming large on us and we were looking to resolve it, we came to know of the judgment of the Supreme Court of India- <u>Civil Appeal No. 1132/2011 @ SLP(C) No. 3109/2011</u> **{arising out of Special Leave Petition (Civil) CC No. 19869 of 2010; Jaspal Singh & Others V/s State of Punjab & Others}. It states:**

*"In many states Government orders have been issued by the State Government permitting allotment of Gram Sabha land to private persons and commercial enterprises on payment of some money. In our opinion all such Government orders are illegal, and should be ignored."*

*"We give directions to all State Governments in the country that they should prepare schemes of eviction of illegal/unauthorized occupants of Gram Sabha/Gram Panchayat/Poramboke/Shamlat land and these must be restored to the Gram Sabha/Gram Panchayat for the common use of villagers of the village. For this purpose chief secretaries of all State Governments/Union Territories in India are directed to do the needful, taking the help of other senior officers of the Governments... Regularization should only be permitted in exceptional cases e.g. where lease has been granted under some Government notification to landless labourers or members of Scheduled Castes/Scheduled Tribes, or where there is already a school, dispensary or other public utility on the land."*

After this Judgment, the office of the Development Commissioner, Gujarat, passed a circular on 4th March 2011stating that powers of removing encroachments on common land are deligated to the Panchayats.

It should be noted that the above-mentioned leases were sanctioned in October 2012 when the Supreme Court Judgement had already been given in 2011. Hence, these leases have been granted without taking any acknowledgement of the Supreme Court Judgement. There has been non-compliance of the order of the Supreme Court and the circular from the Development Commissioner's office.

Sir, we request you to take action in the matter. We would also like to present before you our expectation that:

- already sanctioned mining leases of the Gauchar land in Lifra village be cancelled, and
- no more new leases or land allocations be granted for Gauchar land from Lifra village to private parties in future.

We sincerely hope you will pay attention to our concerns and take immediate action in the matter.

Thanking you

1. JADEJA NATUBHA RAMSANGJI
2. JADEJA JALUBHA HATHISANGJI
3. JADEJA CHATURSINH VAGHJI
4. JADEJA BHUPATSINH MADHUBHA — B.M.
5. JADEJA MAHIPATSINH MADHUBHA — M.M.
6. JADEJA SVAROOPSINH SOMBHA

<u>C.C.:-</u>

**1- District Collector Kutch - Bhuj .**

**2-Mamlatdar Mundra , Kutch**

**<u>Enclosed:</u>**

**<u>1-</u> Satellite Image with Lat. Long. ( Google earth )**

**<u>2-</u> Revenue Map with survey number**

**<u>3-</u> Copy of Memorandum submitted to the District Collector Kutch .**

## ପରିଶିଷ୍ଟ 3

# ଆଇନସହାୟକ ତାଲିମ ପାଇଁ ନମୁନା କାର୍ଯ୍ୟସୂଚୀ

**NAMATI-CPR EJ PARALEGAL RETREAT**
**ENVIRONMENTAL JUSTICE AND DELIBERATIVE DEMOCRACY**
**5th to 9th February, 2017**

**Day 1 (5th)**

**9:00-11:00: Introductions**

**11:00-1:00**
**WHAT HAVE OUR 2016 CASES TAUGHT US?**
*(Presentations by teams on achievements, failures, confusions and challenges)*

**1:00-2:00: LUNCH**

**2:00-4:00**
**ASSESSMENT OF OUR WORK:** *(On cases; clients: sites and addressing the compliance gap)*

**4:00-5:30**
**WHAT IS EJ? HOW IS IT DIFFERENT FROM ENVIRONMENTALISM?**

**5:30-6:30: Games**

**6:30-8:30: Movie**

**Day 2 (6th)**

**9:00-10:30**
**GROUP EXERCISE: UNDERSTANDING ENVIRONMENTAL JUDGEMENTS FROM THE SUPREME COURT AND THE NGT**

**10:30-1:00**
**WHAT ARE REMEDIES FOR EJ?**

**1:00-2:00: LUNCH**

**2:00-3:00**
**EJ CASE FORM CHANGES and CLIENT FOLLOW UP FORM**

**3:00-4:00**
**HOW TO GET FROM CASES TO POLICY?**

**4:00-5:00**
**GROUP EXERCISE:** The government wants recommendations on Section 10 of the EIA Notification. Teams to prepare submissions
*(The Minister of Environment should be happy with the content and the Chief Secretary must be convinced that it can be implemented)*

**5:00-7:00: GAMES**

**7:00-8:30: MOVIE**

## Day 3 (7th)

**9:00-11:00**
**AISE TAISE DEMOCRACY: STATE-CITIZEN RELATIONSHIP:** *Team Presentation*

**11:00-1:00**
**MODELS OF SOCIAL ACTION: POWER AND AGENCY:** *Team Presentation*

**1:00-2:00: LUNCH**

**2:00-3:30**
**EXERCISE:** Who are you inspired by? What is it about the person that inspires you?

**3:00-5:30**
**MODELS OF DELIBERATION: HOW TO TAKE DECISIONS COLLECTIVELY?**

**5:30-7:00: GAMES**

**7:00- 8:30: MOVIE**

## Day 4 (8th)

**9:00-11:00**
**GROUP EXERCISE: PARLIAMENTARY DEBATE ON LAW MAKING:**

**11:00-1:00**
**INDIA'S ENVIRONMENTAL LAWS: A SHORT HISTORY**
**HIERARCHY OF LAWS**

**1:00-2:00: LUNCH**

**2:00-4:30**
**UNDERSTANDING EJ WORK IN KENYA AND ZIMABABWE**

**4:30-6:00**
**MOZAMBIQUE'S HEALTH ADVOCATES**

**6:30 onwards: DANCE PARTY!**

## DAY 5 (9th)

**10:00-11:30**
**Surprise session**

**12:00 onwards departures**



ଉତ୍ତର କନ୍ନଡରେ ତଡ଼ାଡ଼ିଠାରେ ଅବସ୍ଥିତ ମାଛମରା ଘାଟ ଯେଉଁଠାରେ କର୍ଣ୍ଣାଟକ ସରକାର ବୃହତ ବ୍ୟବସାୟିକ ବନ୍ଦର ନିର୍ମାଣ ପାଇଁ ଯୋଜନା କରିଛନ୍ତି